ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

ଓଡ଼ିଶା ପାଇଁ ମହାବିପତ୍ତି



ସଂକଳକ

ପ୍ରଫୁଲ୍ଲ ସାମନ୍ତରା

ଲୋକଶକ୍ତି ଅଭିଯାନ

Digitized by srujanika@gmail.com

ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

Inter River Linkage is a mirrage

ସଂକଳନ :
ପ୍ରଫୁଲ୍ଲ ସାମନ୍ତରା
ସଭାପତି, ଲୋକଶକ୍ତି ଅଭିଯାନ
(ଓଡ଼ିଶା ଶାଖା)

Compiled by :
Prafulla Samantara
President, Lokshakti Abhiyan
(OrissaUnit)

ପ୍ରକାଶକ :
ଲୋକଶକ୍ତି ଅଭିଯାନ
(ଓଡ଼ିଶା ଶାଖା)
ବ୍ରହ୍ମପୁର - ୭୬୦ ୦୦୫ (ଗଞ୍ଜାମ)

Publisher :
Lok Shakti Abhiyan
Orissa Unit
Berhampur - 760 005

ମୁଦ୍ରଣ :
ସିଦ୍ଧବୀର ଅଫସେଟ୍, ବ୍ରହ୍ମପୁର-୩

Printed at :
Sidhaveer Offset
Berhampur -1 (Gm.)

ପ୍ରାପ୍ତିସ୍ଥାନ :
ଲୋହିଆ ଏକାଡ଼େମୀ ଟ୍ରଷ୍ଟ,
ଏ/୩, ୟୁନିଟ୍-୯, ଭୁବନେଶ୍ୱର

ପ୍ରକାଶ ସମୟ :
୨୩.୦୧.୨୦୦୫

Date of Publication :
23.01.2005

ସହଯୋଗ ରାଶି :
ଟ. ୧୦ ଟଙ୍କା ମାତ୍ର

Suggested Contribution :
Rs. 10/- only

Digitized by srujanika@gmail.com

ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

ଓଡ଼ିଶା ପ୍ରତି ମହାବିପତ୍ତି

ସଂକଳକ
ପ୍ରଫୁଲ୍ଲ ସାମନ୍ତରା

Digitized by srujanika@gmail.com

ସୂଚୀପତ୍ର

ବିଷୟ	ଲେଖକ	ପୃଷ୍ଠା
ଜାତୀୟ ନଦୀ ସଂଯୋଗ ଯୋଜନା ଏକ ବାସ୍ତବତା ନା ମରୀଚିକା ?	ପ୍ରଫୁଲ୍ଲ ସାମନ୍ତରା	୧
ପରିଯୋଜନା ନଦୀ ଯୋଡ଼ିବା ପାଇଁ ନା ସମାପ୍ତ କରିବା ପାଇଁ ?		୧୪
ଜଳ ପ୍ରକୃତିର ଦାନ : ନଦୀମାନଙ୍କୁ ପରସ୍ପର ସଂଯୋଗ କରିବା ପକ୍ଷରେ	ଡ. ବନ୍ଦନା ଶିବା	୧୬
ନଦୀ ଅନ୍ତ ସଂଯୋଗ ମରୀଚିକା	ମେଧା ପାଟ୍କର ଓ ଏଲ.ଏସ୍. ଅରବିନ୍ଦ	୧୯
ନଦୀବନ୍ଧ ସଂଯୋଗ ପରିକଳ୍ପନା : କିଛି ସାଧାରଣ ଗଣିତ	ଡ଼ଃ. ନୀଳକଣ୍ଠ ରଥ	୨୧
ନଦୀ ସଂଯୋଗ ବନାମ ଜଳ ଅର୍ଥନୀତି	ନଦୀୟା ଚାନ୍ଦ କାନୁନ୍‌ଗୋ	୨୫
ନଦୀ ସଂଯୋଗ ଯୋଜନାରେ ଯୁକ୍ତିର ଅଭାବ	ଦୁନୁ ରାୟ	୨୭
ନଦୀ ସଂଯୋଗୀକରଣ ଏକ ଭଭଟ ପରିକଳ୍ପନା	ଡାକ୍ତର ବିପିନ ବିହାରୀ ତ୍ରିପାଠୀ	୨୯
ମହାନଦୀରେ ଦ୍ୱିତୀୟବନ୍ଧ ନିର୍ମାଣ କଳ୍ପନା ଅବାନ୍ତର	ଇଂ କରୁଣାକର ସୁପକାର	୩୨
ଆ ବଳଦ ବିନ୍ଧେ ମତେ : ନଦୀ ସଂଯୋଗରେ ନଦୀବନ୍ଧ ବନାମ ବନ୍ୟା ନିୟନ୍ତ୍ରଣ	ପ୍ରଫୁଲ୍ଲ ସାମନ୍ତରା	୩୫

Digitized by srujanika@gmail.com

ଚର୍ଚ୍ଚା ପାଇଁ ଆହ୍ୱାନ

ଓଡ଼ିଶାର ରାଜନେତା, ପ୍ରଶାସକ ଓ ସାଧାରଣ ସ୍ତରରେ ରାଜନୈତିକ ଓ ସାମାଜିକ କର୍ମିମାନେ ଏକ ବହୁ ପ୍ରଚାରିତ ସ୍ୱପ୍ନର ପ୍ରକଳ୍ପ - ଜାତୀୟ ନଦୀ ସଂଯୋଗ ଯୋଜନାକୁ ବିଶଦଭାବେ ଜାଣିବା ଏକାନ୍ତ ପ୍ରୟୋଜନ । ଏହି ପ୍ରକଳ୍ପ ପ୍ରକୃତି ଓ ମଣିଷ ଭିତରେ ସ୍ୱାଭାବିକ ସଂପର୍କ ରଖିବା ପାଇଁ ନା ପ୍ରକୃତିକୁ ହତ୍ୟା କରି ବିକାଶ ନାମରେ ମାଟିର ମଣିଷଙ୍କୁ ସର୍ବହରା କରାଇବା ପାଇଁ ଏକ ଷଡ଼ଯନ୍ତ୍ର ? ପ୍ରକୃତି ଦାନ ଜଳ ସମସ୍ତଙ୍କର । ତାକୁ ପ୍ରାକୃତିକ ବ୍ୟବସ୍ଥାଭିତରେ ହିଁ ବ୍ୟବହାର କରିବା ଉଚିତ । ନଦୀଗୁଡ଼ିକୁ ଯୋଡିବା ନାମରେ ଯେଉଁ ଅପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବ ତାକୁ ସମ୍ଭାଳିବ କିଏ ?

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନେ ଯାହା କହି ଚାଲନ୍ତି ତାହା ବେଦର ଗାର ନୁହଁ । ଏପରିକି ବେଦର ଅନେକ କଥା ଅନେକଙ୍କ ପାଇଁ ଗ୍ରଣୀୟ ନୁହଁ । ଗଣତନ୍ତ୍ରରେ ସାଧାରଣ ଲୋକଙ୍କ ପାଖରେ ସତ୍ୟକୁ ଉପସ୍ଥାପିତ କରି ଖୋଲା ଚର୍ଚ୍ଚା ଜରିଆରେ ଯେକୌଣସି ନିଷ୍ପତ୍ତି ନେବା ଏକ ବଡ଼ ଉପଲବ୍ଧି । କିନ୍ତୁ ତାହା ଆମ ଦେଶରେ ହେଉ ନାହିଁ । ଆଜି ନଦୀ ସଂଯୋଗ ଯୋଜନାର ତଥ୍ୟ କାହାପାଖରେ ନାହିଁ । ତଥ୍ୟ ଦେବାପାଇଁ ମଧ୍ୟ କେହି ନାହିଁ । ବିନା ତଥ୍ୟରେ ଏକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟ କହୁଛନ୍ତି । ଏହାର ପରିଣାମ ଅତି ଭୟଙ୍କର ହେବ ବୋଲି ଅନେକ ବିଶେଷଜ୍ଞ ମତ ଦେଲେଣି । ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟର ଅପୂରଣୀୟ କ୍ଷତି ହେବା ସହ ପୁଣି ମହାନଦୀରେ ଦ୍ୱିତୀୟ ଜଳ ଭଣ୍ଡାର (ମଣିଭଦ୍ରା) ଲକ୍ଷାଧିକ ପରିବାରଙ୍କୁ ବିସ୍ଥାପିତ କରିବ । ଏ ସଂକ୍ରାନ୍ତରେ ବିଶଦ୍ ଆଲୋଚନା ପାଇଁ ଓ ଅଧିକ ତଥ୍ୟ ଦାବି କରିବା ପାଇଁ ଉକ୍ତ ପୁସ୍ତିକା ସହାୟକ ହେବ ବୋଲି ଆଶା କରେ ।

Digitized by srujanika@gmail.com

PROPOSED LINKS UNDER STUDY (PENINSULAR COMPONENT)



NAME OF THE LINKS

1. MAHANADI (MANIBHADRA) - GODAVARI (DOWLAISWARAM)
2. GODAVARI (INCHAMPALLI) - KRISHNA (NAGARJUNASAGAR)
3. GODAVARI (INCHAMPALLI LOW DAM) KRISHNA (NAGARJUNASAGAR TAIL POND)
4. GODAVARI (POLAVARAM) KRISHNA (VIJAYAWADA)
5. KRISHNA (ALMATTI) PENNAR
6. KRISHNA (SRISAILAM) PENNAR
7. KRISHNA (NAGARJUNASAGAR) PENNAR (SOMASILA)
8. PENNAR (SOMASILA) - CAUVERY (GRAND ANICUT)
9. CAUVERY (KATTALAI) - VAIGAI - GUNDAR
10. KEN - BETWA
11. PARBATI - KALISINDH - CHAMBAL
12. PAR - TAPI - NARMADA
13. DAMANGANGA PINJAL
14. BEDTI VARDA
15. NETRAVATI - HEMAVATI
16. PAMBA - ACHANKOVIL - VAIPPAR

Source Fig 7.4, Pg 185 from *Report of The National Commission for Integrated Water Resources Development* Volume-I Ministry of Water Resources, Govt of India, New Delhi September 1999.

Digitized by srujanika@gmail.com



Source: Fig. 7.5, Pg. 186 from *Report of The National Commission for Integrated Water Resources Development, Volume-I*, Ministry of Water Resources, Govt. of India, New Delhi, September 1999

Digitized by srujanika@gmail.com

ଜାତୀୟ ନଦୀ ସଂଯୋଗ ଯୋଜନା ଏକ ବାସ୍ତବତା ନା ମରୀଚିକା ?

ପ୍ରଫୁଲ୍ଲ ସାମନ୍ତରା

୩୧ ଅକ୍ଟୋବର ୨୦୦୨ରେ ସୁପ୍ରିମକୋର୍ଟଙ୍କ ଏକ ମଧ୍ୟବର୍ତ୍ତୀ ନିର୍ଦ୍ଦେଶରେ କେନ୍ଦ୍ର ସରକାରଙ୍କୁ କୁହାଯାଇଛି ଯେ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ନଦୀ ସମୂହ ଗୁଡ଼ିକର ସଂଯୋଗ କରି ମରୁଡ଼ି ଓ ବନ୍ୟାର ପ୍ରତିକାର କରାଯାଉ । ତାହାମଧ୍ୟ ଆସନ୍ତା ୧୦ବର୍ଷ ମଧ୍ୟରେ ନଦୀ ସଂଯୋଗ ଯୋଜନାକୁ ସଂପୂର୍ଣ୍ଣ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଛି, କିନ୍ତୁ ଭାରତ ସରକାରଙ୍କର ଜଳସଂପଦ ମନ୍ତ୍ରଣାଳୟ ସତ୍ୟପାଠରେ ଉଚ୍ଚତମ ନ୍ୟାୟାଳୟକୁ କହିଲେ ଯେ ଏପରି ଏକ ଯୋଜନା ବନ୍ୟା ଓ ମରୁଡ଼ିର ପ୍ରତିକାର ପାଇଁ ସଂପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ ହେଲେ ୨୦୪୩ ପର୍ଯ୍ୟନ୍ତ ସମୟ ଲାଗିବ । ଏହାପରେ ପରେ ପ୍ରଧାନମନ୍ତ୍ରୀ ଏପରି ଏକ ପରିକଳ୍ପନାକୁ ସତ୍ୟରେ ପରିଣତ କରିବା ପାଇଁ ଯୋଜନା ଆରମ୍ଭ କରିଦେବାକୁ ପ୍ରସ୍ତୁତ ହେଲାପରି ବକ୍ତବ୍ୟ ରଖି ସାରିଲେଣି । ପଛରେ ପଡ଼ିଯିବା ଭୟରେ ବିରୋଧୀଦଳର ନେତ୍ରୀ ସୋନିଆ ଗାନ୍ଧି ମଧ୍ୟ ସରକାରଙ୍କୁ ସମର୍ଥନ ଦେଇ ସାରିଲେଣି । ରାଷ୍ଟ୍ରପତି ଡକ୍ଟର କାଲାମ ମଧ୍ୟ ଏପରି ଏକ ନଦୀ ସଂଯୋଗର ସଫଳତାରେ ଦେଶର ପ୍ରଗତିର ମହୁଫେଣାର ସ୍ୱପ୍ନ ଦେଖିସାରିଲେଣି । ବର୍ତ୍ତମାନ ଯେଉଁଠି ପାଣିର ଅଭାବ ସେହି ଅଞ୍ଚଳରୁ ଜନତା ଅତି ଆଶାୟୀ ଭାବେ ଭାବିଲେଣି ଯେ ବୋଧହୁଏ ଏପରି ଏକ ପରିକଳ୍ପନା ପ୍ରତ୍ୟେକ ଗାଁ ଓ ଘରକୁ ଜଳ ଯୋଗାଇ ଦେଇପାରିବ, କିନ୍ତୁ ଏହି ପରିକଳ୍ପନାରୁ ଯୋଜନା ପାଇଁ ପ୍ରସ୍ତୁତକାରୀ କର୍ତ୍ତୃପକ୍ଷ ଖୋଦ୍ କେନ୍ଦ୍ର ସରକାର ଏପରି ଏକ ଯୋଜନାର ରୂପରେଖକୁ ଲୋକଙ୍କ ପାଖରେ ସ୍ପଷ୍ଟ ଭାବରେ ରଖିବା ଦରକାର । ଯୋଜନାଟି କ'ଣ, କିପରି କାର୍ଯ୍ୟକାରୀ ହେବ, ତାହାପାଇଁ କେତିକି ପରିମାଣରେ ସଫଳ ଦେଇ ହେବ ଏବଂ ଏହାର ନିର୍ମାଣ ଖର୍ଚ୍ଚ ସହ ପୁଣି ପରିଚାଳନା ପାଇଁ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଓ ସର୍ବୋପରି ପ୍ରକଳ୍ପର ଆଜିର ହିସାବରେ ଭବିଷ୍ୟତର ଫଳାଫଳ ଅନ୍ତର୍ଭୁକ୍ତ ହୋଇଛି କି ନାହିଁ ଏସବୁକୁ ସ୍ପଷ୍ଟଭାବେ ଅଧ୍ୟୟନ ପରେ ଯୋଜନା କରି ଉପସ୍ଥାପନ କରାଗଲାପରେ ଦେଶରେ ଆଞ୍ଚଳିକ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଆଲୋଚନାର ଆବଶ୍ୟକତା ରହିଛି । ତାହା ନକଲେ ଲୋକଙ୍କ ମତାମତକୁ ଉପେକ୍ଷା କରି ଏକ ସୁନ୍ଦର ସ୍ୱପ୍ନକୁ ଠିଆ କରିଦେବାପରେ ତାହାର ଅସ୍ତିତ୍ୱ ସବୁବେଳେ ପ୍ରଶ୍ନବାଚୀ ହୋଇ ରହିଯିବ । ତେଣୁ ବାସ୍ତବତା ପ୍ରତି ଅନୁଧ୍ୟାନ ଅତ୍ୟନ୍ତ ଜରୁରୀ ।

ପ୍ରଥମେ ୧୯୭୨ରେ ପ୍ରଖ୍ୟାତ ବିଶେଷଜ୍ଞ ତଥା ପୂର୍ବତନ କେନ୍ଦ୍ରୀୟ ଜଳମନ୍ତ୍ରୀ କେ.ଏଲ୍. ରାଓଙ୍କ ପ୍ରସ୍ତାବକୁ କେନ୍ଦ୍ରକରି ଉତ୍ତର ଓ ଦକ୍ଷିଣ ଭାରତର ନଦୀଗୁଡ଼ିକର ସଂଯୋଗ ପାଇଁ ଏକ ସମ୍ଭାବ୍ୟ ଯୋଜନା ତିଆରି କରାଗଲା ଯେଉଁ ରାଜ୍ୟମାନଙ୍କ ପାଣିକୁ ଅନ୍ୟତ୍ର

Digitized by srujanika@gmail.com

ନିଆଯିବ ସେହି ରାଜ୍ୟବାସୀ ଏହାକୁ ବିରୋଧ କଲେ । ପୁଣି ୧୯୭୭ ଭାଇ ମୋରାରଜୀ ସରକାର ବେଳେ ପାଇଲଟ ଡି.ଜେ. ଦସ୍ତୁରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ କମିଟି ଫୁଲମାଳ କେନାଲ (Garland Canal) ନାମରେ ଏକ ନଦୀ ସଂଯୋଗ ଯୋଜନା ଉପସ୍ଥାପନ କଲେ । ପ୍ରଥମଟି ହିମାଳୟର ଦକ୍ଷିଣାଭିମୁଖୀ ନଦୀ ସ୍ରୋତଗୁଡ଼ିକୁ ଯୋଡ଼ିବା ଏବଂ ଏଥିରେ ୯୦ଟି ହ୍ରଦର ଜଳକୁ ଉପଯୋଗ କରିବା ପରିକଳ୍ପନା ଥିଲା । ଦ୍ୱିତୀୟଟି କେନ୍ଦ୍ରୀୟ ଓ ଦାକ୍ଷିଣାତ୍ୟ ଗାର୍ଲେଣ୍ଡ କେନାଲ ସହ ୨୦୦ଟି ସମନ୍ୱିତ ଜଳଭଣ୍ଡାରର ସଂଯୋଗ ସ୍ଥାପନ । ସେତେବେଳେ ଏହି ପ୍ରକଳ୍ପଟିର ବ୍ୟୟ ଅଟକଳ ହୋଇଥିଲା ୨୪୦୯୫ କୋଟି ଟଙ୍କା । ଏହି ଦସ୍ତୁର ପରିଯୋଜନାକୁ ଦୁଇଟି ବିଶେଷଜ୍ଞ କମିଟି ଦ୍ୱାରା ପରୀକ୍ଷା କରାଗଲାପରେ ପ୍ରତ୍ୟାଖ୍ୟାନ କରାଗଲା । କାରଣ, ବୈଷୟିକ କୁଶଳତା ଦୃଷ୍ଟିରୁ ଦୋଷଯୁକ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଅସମ୍ଭବ ଥିଲା ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ନୂଆ ଯୋଜନା ପରିକଳ୍ପନାରେ (୧୯୮୦ର ପ୍ରସ୍ତାବିତ ଯୋଜନାକୁ ସଂଶୋଧିତ କରି) ପ୍ରସ୍ତାବ ଅଛି ଯେ ଭାରତ, ନେପାଳ, ଭୁଟାନରେ ପ୍ରବାହିତ ଗଙ୍ଗା ଓ ବ୍ରହ୍ମପୁତ୍ରର ମୁଖ୍ୟ ଉପନଦୀ ମାନଙ୍କରେ ଜଳ ଭଣ୍ଡାର ନିର୍ମାଣ ସହ ଆନ୍ତଃ କେନାଲ ସଂଯୋଗ ଦ୍ୱାରା ଗଙ୍ଗାର ପୂର୍ବାଞ୍ଚଳ ଉପନଦୀମାନଙ୍କର ବଳକା ପାଣିକୁ ପଶ୍ଚିମକୁ ସ୍ଥାନାନ୍ତରିତ କରାଯିବ । ବ୍ରହ୍ମପୁତ୍ର ଓ ଏହାର ଉପନଦୀମାନଙ୍କୁ ଗଙ୍ଗାନଦୀ ସହ ସଂଯୋଗ ଏବଂ ଗଙ୍ଗାକୁ ମହାନଦୀ ସହ ସଂଯୋଗ କରିବା ଯୋଜନା ଏଥିରେ ଅନ୍ତର୍ଭୁକ୍ତ । ଏହି ପରିକଳ୍ପନାକୁ ହିମାଳୟ ନଦୀ ବିକାଶ ବୋଲି କୁହାଯାଉଛି । ଆଉ ଏକ ଉପକୂଳ ନଦୀ ବିକାଶ ପରିକଳ୍ପନା ଅନୁଯାୟୀ ମହାନଦୀ-ଗୋଦାବରୀ-କ୍ରିଷ୍ଣା-କାବେରୀ ନଦୀ ସଂଯୋଗ ଓ ଏହି ନଦୀ ଅବବାହିକା ମାନଙ୍କରେ ବହୁ ଜଳଭଣ୍ଡାର ନିର୍ମାଣ ସହ ବମ୍ବେର ଉତ୍ତର ଓ ତାପ୍ତିର ଦକ୍ଷିଣରୁ ବହୁଥିବା ପଶ୍ଚିମାଭିମୁଖୀ ନଦୀମାନଙ୍କୁ ଯୋଡ଼ିବା, କେନ-ଚମ୍ବଲ ନଦୀ ସଂଯୋଗ ଏବଂ ଅନ୍ୟ ପଶ୍ଚିମାଭିମୁଖୀ ନଦୀମାନଙ୍କ ଜଳକୁ ପୂର୍ବଆଡ଼କୁ ଗତି ବଦଳାଇବା ଯୋଜନା ଅନ୍ତର୍ଭୁକ୍ତ । ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟୟ ଅଟକଳ ହୋଇଛି ୫,୬୦,୦୦୦ କୋଟି ଟଙ୍କା । ଜାତୀୟ ଜଳ ବିକାଶ କର୍ତ୍ତୃତ୍ୱ (National Water Development Agency) ହିମାଳୟ କ୍ଷେତ୍ରରେ ୧୪ଟି ଓ ଉପକୂଳ ଅଞ୍ଚଳରେ ୧୬ଟି ସଂଯୋଗ ଚିହ୍ନଟ କରିଛି ଏସବୁର ସମ୍ଭାବ୍ୟ ଅନୁଧ୍ୟାନ ପାଇଁ ।

ଅତୀତର ଓ ବର୍ତ୍ତମାନର ଯୋଜନାର ପରିକଳ୍ପନା ଅନୁଯାୟୀ ଉତ୍ତର ଭାରତରୁ ଦକ୍ଷିଣ ଭାରତକୁ ବଳକା ପାଣି ନେଇ ମରୁଡ଼ିର ପ୍ରତିକାର କରିବା ସହ ପାଣିର ଚାହିଦା ପୂରଣ ପରି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିଲେ ତାଠାରୁ ଜାତୀୟ ସଫଳତା ଆଉ କିଛି ହୋଇନପାରେ । କିନ୍ତୁ ଏପରି ସ୍ୱପ୍ନ ଦେଖି ଯୋଜନା ଆରମ୍ଭ କରିଦେଇ ଦୁଇପାଦ ଆଗକୁ ଯାଇ ପୁଣି ବାଉଳା ହେବାକୁ ପଡ଼େ, ତାହାହେଲେ ଶହେପାଦ ପଛକୁ ଫେରିବାଠାରୁ ଅଧିକ

Digitized by srujanika@gmail.com

ଦୟନୀୟ ପରିସ୍ଥିତି ସୃଷ୍ଟିହେବ । ତେଣୁ ବାସ୍ତବତାକୁ ହିଁ ଗୁରୁତ୍ୱ ଦେବାକୁ ହେବ । ନଚେତ ମରୀଚିକା ପଛରେ ଧାଇଁବା ସାର ହେବ।

ଉକ୍ତ ଜାତୀୟ ନଦୀ ସଂଯୋଗ ଯୋଜନା ଅଧିକାର କରାଗଲେ ପ୍ରଥମେ ଯେଉଁ ବାଧାଗୁଡ଼ିକୁ ସମ୍ମୁଖୀନ ହେବାକୁ ପଡ଼ିବ, ସେଗୁଡ଼ିକ ହେଲା - ବର୍ତ୍ତମାନର ଅଟକଳ ୧୮୩୦୦୦ କୋଟିରୁ ୫ ଲକ୍ଷ ୬୦ ହଜାର କୋଟି ଟଙ୍କା ହେବ । ପୁଣି ନିର୍ମାଣ ଅବଧି ଭିତରେ ବ୍ୟୟ ଅଟକଳର ବୃଦ୍ଧି ଅପରିହାର୍ଯ୍ୟ । ଉକ୍ତ ବ୍ୟୟ ଆସିବ କେଉଁଠୁ ? ଯଦି ଆସିବ ଋଣ ଆକାରରେ ସେ ସବୁର ଆୟ କେତିକି ହେବ ? ପୁଣି ଯେଉଁମାନେ ଋଣ ଦେବେ ସେମାନଙ୍କ ସର୍ତ୍ତ ଚାଷକୁ କଂପାନୀମାନଙ୍କ ହାତକୁ ଦେବାପାଇଁ ବ୍ୟବସ୍ଥା କରାଯିବ ନାହିଁ ତ ? ଚାଷୀଙ୍କୁ ପାଣି ବିକାଯିବ ନାହିଁ ତ ? ନା, କେବଳ ଶିଳ୍ପକୁ ଆଖି ଆଗରେ ରଖି ପୁଣି ଅର୍ଥ ସମସ୍ୟା ଆଳ ଦେଖାଇ ଘରୋଇ କଂପାନୀମାନଙ୍କ ଜରିଆରେ ନଦୀ ସଂଯୋଗ ଯୋଜନା କାର୍ଯ୍ୟକାରୀ ପରେ ପରିଚାଳନା ଦାୟିତ୍ୱ ବିଦେଶୀ କଂପାନୀମାନଙ୍କୁ ଦିଆଯିବ ନାହିଁ ତ ?

ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଜଳଭଣ୍ଡାର ଗୁଡ଼ିକ ମଧ୍ୟରୁ ଅଧିକାଂଶର ଜଳ ଚାଷୀ ପାଖରେ ପହଞ୍ଚାଇ ଦିଆଯାଇପାରିନାହିଁ ଏବଂ ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । କେବଳ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଆବଶ୍ୟକ କେନାଲ ବ୍ୟବସ୍ଥା ପାଇଁ ଉକ୍ତ ଜଳଭଣ୍ଡାର ପ୍ରକଳ୍ପଗୁଡ଼ିକ ପାଇଁ ଦଶମ ଯୋଜନାରେ ୮୦ ହଜାର କୋଟି ଟଙ୍କାର ଓ ୧୧ଶ ଯୋଜନା ପାଇଁ ୧୧୧୦୦୦ ଲକ୍ଷ ଟଙ୍କା ଆବଶ୍ୟକତା ରହିଛି, ତାହା ପୂରଣ ହେବା ଅସମ୍ଭବ । ଓଡ଼ିଶାରେ ଏପର୍ଯ୍ୟନ୍ତ ରେଙ୍ଗାଲି, ଅପର କୋଲାବ ଓ ହରଭଙ୍ଗି ବୃହତ ଓ କ୍ଷୁଦ୍ରଜଳ ଭଣ୍ଡାରକୁ ପାଣି ପାଇଁ କେନାଲ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ । କେବଳ ରେଙ୍ଗାଲିର କେନାଲ ବ୍ୟବସ୍ଥା ପାଇଁ ଦୁଇ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେବ । ତାହା କେନ୍ଦ୍ର ସରକାରଙ୍କ ଯୋଜନାରେ ଆଲୋଚନାକୁ ମଧ୍ୟ ଆସିପାରୁ ନାହିଁ । ତେଣୁ ଜମିକୁ ଜଳ ବୋଲି କହି ନଦୀ ସଂଯୋଗ ଯୋଜନା ଜରିଆରେ ପାଣି ପହଞ୍ଚାଇବାକୁ କେତେ ଶହ ବର୍ଷ ଲାଗିବ ତାହା ନିଶ୍ଚିତ ଭାବେ ମୁଣ୍ଡବ୍ୟଥାର ବିଷୟ ।

ପୁଣି ଅନ୍ୟ ମୁଖ୍ୟ ବାଧକ ରୂପେ ଠିଆ ହେବ - ଅନ୍ତଃ ରାଜ୍ୟ ଜଳବଣ୍ଟନ କାର୍ଯ୍ୟକାରୀ ହୋଇଥିବା ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଗୁଡ଼ିକ । ବର୍ତ୍ତମାନ ଯେପରି ଭାବରେ ବିଭିନ୍ନ ରାଜ୍ୟ ଭିତରେ ନଦୀମାନଙ୍କୁ ନେଇ ଜଳର ବ୍ୟବହାର ପାଇଁ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି, ନଦୀ ସଂଯୋଗ ଯୋଜନା ପରେ ଯେଉଁ ରାଜ୍ୟ ତଥା ଅଞ୍ଚଳ ସେହି ପରିମାଣରେ ପାଣିର ଭାଗ ନପାଇବେ, ତାହା ହେଲେ ସେମାନଙ୍କ ସଂଘଟିତ ବିଦ୍ରୋହର ପରିମାଣ ପ୍ରତି ବିଚାର କରିବାକୁ ହେବ । ଏହା ସହ ଯେଉଁନଦୀମାନଙ୍କର ପର୍ଯ୍ୟାପ୍ତ ଜଳ ପ୍ରବାହିତ ରାଜ୍ୟବାସୀଙ୍କୁ ମିଳୁଛି, ସେଥିରୁ ଜଳ କମିଗଲେ ସେମାନେ ଏପରି ଏକ ଜଳନୀତିକୁ ଗ୍ରହଣ କରିବେ କି ? ବର୍ତ୍ତମାନ ଆସାମ, ବିହାର, ଆନ୍ଧ୍ରପ୍ରଦେଶ ପରି ରାଜ୍ୟମାନେ ଉକ୍ତ ପ୍ରଶ୍ନକୁ ଉଠାଇ ଆସିଛନ୍ତି

Digitized by srujanika@gmail.com

ବହୁଦିନରୁ । ଯେଉଁ ରାଜ୍ୟ ନଦୀମାନଙ୍କର ବଳକା ପାଣି ଅଛି ସେହି ନଦୀ ଅଞ୍ଚଳବାସୀଙ୍କୁ ଜଳଯୋଗାଣର ଗ୍ୟାରେଣ୍ଟି ନ୍ୟାୟଗତ ଦୃଷ୍ଟିରୁ କେତେ ସ୍ୱୀକାର୍ଯ୍ୟ ସେଥିପ୍ରତି ବିଚାର ନକରାଗଲେ ପରିସ୍ଥିତି ସାଂଘାତିକ ହେବ ।

ଆନ୍ତଃରାଜ୍ୟ ବ୍ୟତୀରେକେ ପଡୋଶୀ ରାଷ୍ଟ୍ରମାନଙ୍କ ସହ ନଦୀଜଳକୁ ନେଇ ହୋଇଥିବା ରାଜିନାମା ଏବଂ ଜଳବଣ୍ଟନ ପ୍ରକ୍ରିୟାରେ ନଦୀ-ସଂଯୋଗ-ଯୋଜନା ସମସ୍ୟା ସୃଷ୍ଟି କରିବ । ଉଦାହରଣ ସ୍ୱରୂପ, ବଙ୍ଗଳାଦେଶ ସହ ଆମ ନଦୀ ଜଳ ସଂକ୍ରାନ୍ତୀୟ ରାଜିନାମା ସ୍ୱାକ୍ଷରିତ ହୋଇଛି । ଫାରକ୍କା ଜଳ ଯୋଜନା ଅନ୍ତଃରାଷ୍ଟ୍ରୀୟ ଜଳ ବଣ୍ଟନକୁ ନେଇ କାର୍ଯ୍ୟକାରୀ ହୋଇଛି । ୧୯୯୭ ଡ଼ିସେମ୍ବରରେ ଏକ ନୂଆ ରାଜିନାମା ଅନୁଯାୟୀ ଭାରତ ତାର ଜଳର ପରିମାଣକୁ କମାଇ ପାରିବ ନାହିଁ । ଯଦି ନଦୀ ସଂଯୋଗ ଦ୍ୱାରା ବଙ୍ଗଳା ଦେଶକୁ ଯାଉଥିବା ଜଳର ପରିମାଣ ହ୍ରାସ ପାଏ, ତାହାହେଲେ ସେହି ଦେଶ ରାଜିହେବ ନାହିଁ । ସେହିପରି ନେପାଳ ଓ ଭୁଟାନର ସମ୍ମତି ଅନୁଯାୟୀ ଉକ୍ତ ଯୋଜନାର କାର୍ଯ୍ୟକାରିତା ନିର୍ଭର କରୁଛି ଯେହେତୁ ଗଙ୍ଗା, ବ୍ରହ୍ମପୁତ୍ର ଓ ଅନ୍ୟ ଉପନଦୀମାନଙ୍କର ସ୍ରୋତ ସେହି ଦେଶ ଦେଇ ଆସୁଛି । ମୌସୁମୀର ପରିବର୍ତ୍ତନ ଯେପରି ଦେଖାଦେଉଛି, ହିମାଳୟର ପରିବେଶ ଜନିତ ଅବକ୍ଷୟ ହେଉଛି, ଭବିଷ୍ୟତରେ ଯଦି ନଦୀମାନଙ୍କରେ ଜଳହ୍ରାସ ହୁଏ ପଡ଼ୋଶୀ ଦେଶମାନେ ଜଳର ଅଭାବକୁ କେନ୍ଦ୍ରକରି ବିବାଦ ସୃଷ୍ଟିକରିବାକୁ ବାଧ ହେବେ ।

ଉକ୍ତ ଯୋଜନାରେ ବହୁ ବୃହତ ଓ କ୍ଷୁଦ୍ର ଜଳ ଭଣ୍ଡାର ନିର୍ମାଣ କରିବାକୁ ହେବ । ପ୍ରାୟ ଦୁଇଶହରୁ ଅଧିକ । ଏହାଦ୍ୱାରା ପ୍ରଚୁର ଜଙ୍ଗଲ, ଜମି ନଷ୍ଟ ହେବ । ଏକାଥରକେ ବହୁପରିମାଣର ଜଙ୍ଗଲ ଧ୍ୱଂସ ଯୋଗୁଁ କ୍ଷୟକ୍ଷତିର ମୂଲ୍ୟାୟନ ସହ ଜଳବାୟୁ ଜନିତ ସଂକଟର ପରିମାଣକୁ ହିସାବ କରିବା ଏକାନ୍ତ ଜରୁରୀ । ପୁଣି ୨ ହଜାର କିଲୋମିଟରରୁ ଉର୍ଦ୍ଧ୍ୱ ସଂଯୋଗ କେନାଲ ଦ୍ୱାରା ଯେଉଁ ଚାଷ ଜମି ଚାଲିଯିବ, ଏହାର ଫଳରେ ବହୁ ଗଛପତ୍ର ଓ ଜଙ୍ଗଲ କ୍ଷୟ ମଧ ହେବ । ଜମି ଜଙ୍ଗଲରୁ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହେବେ, ନିଜର ଜୀବିକା ହରାଇବେ, ପରିବେଶଗତ ଓ ଜୀବିକାର ସୁରକ୍ଷା ପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଜନ ଆନ୍ଦୋଳନ ଅନିବାର୍ଯ୍ୟ ହୋଇପଡ଼ିବ । ବିକାଶର ସ୍ଲୋଗାନ ଯେତେବେଳେ ବି ନର୍ମଦା ବଞ୍ଚାଅ ଆନ୍ଦୋଳନ ଆଦିବାସୀଙ୍କ ଜୀବନ ଓ ଜୀବିକାର ଅଧିକାର ପାଇଁ ଆଖି ଖୋଲି ଦେଇପାରିଛି । ତେଣୁ ନଦୀ ସଂଯୋଗ ଯୋଜନା ମଧରେ ବହୁ ନର୍ମଦା ଆନ୍ଦୋଳନ ଅହେତୁକ ହୋଇପଡ଼ିବ । ସରକାରମାନେ ସାମନା କରିପାରିବେ ତ ? ପୁଣି ଦେଶରେ ବିକାଶ ନାମରେ ଜନ ସମାଜରେ ଏକ ବିଭାଜନ ପ୍ରକ୍ରିୟା ହିଂସାତ୍ମକ ପରିସ୍ଥିତି ସୃଷ୍ଟିକରିବ । ମେଧା ପାଟକରଙ୍କ ଅନୁସାରେ କେବଳ ସର୍ଦ୍ଦାର ସରୋବର ପ୍ରକଳ୍ପର କେନାଲ ଦ୍ୱାରା ୧୫୦ ହଜାର ଲୋକେ ଜମି ହରାଉଛନ୍ତି, ସେମାନଙ୍କ ମଧ୍ୟରୁ ୨୩୫୦୦ ନିଜ ନିଜ ମୋଟ ଜମିର ଏକ ଚତୁର୍ଥାଂଶ ଓ ୨୦୦୦ ପରିବାର ସଂପୂର୍ଣ୍ଣଭାବେ ନିଜ ଜମି ହରାଇବାବେଳେ ଏମାନଙ୍କୁ ଥଇଥାନ ତାଲିକାଭୁକ୍ତ କରାଯାଉନାହିଁ ।

Digitized by srujanika@gmail.com

ପ୍ରଦୂଷଣଜନିତ ପ୍ରଶ୍ନ ମଧ୍ୟ ଆସିବ । ଗଙ୍ଗା ନଦୀ ଓ ଦେଶର ଅନେକ ଶିଳ୍ପାଞ୍ଚଳର ନଦୀମାନେ ପ୍ରଦୂଷିତ ହୋଇସାରିଲେଣି ଯାହାଙ୍କୁ ସ୍ୱଚ୍ଛ କରିବା ପାଇଁ ଯୋଜନାରେ ଅର୍ଥ ଖର୍ଚ୍ଚ ହେଉଛି । ନଦୀ ସଂଯୋଗ ପରେ ପ୍ରଦୂଷିତ ଜଳ ସର୍ବତ୍ର ଯିବ । ଏହାଦ୍ୱାରା ପ୍ରଦୂଷଣ ସଂକ୍ରମଣକୁ ଲୋକେ ଗ୍ରହଣ କରିବେ କି ? ପୁଣି ଅନ୍ୟସ୍ଥାନରେ ଜଳକୁ ପ୍ରଦୂଷିତ କରାଇବା ଯଥାର୍ଥ କି ? ଏସବୁକୁ ହିସାବ କରି ନିଷ୍ପତ୍ତି ନେବାପାଇଁ ପରିବେଶ ମନ୍ତ୍ରଣାଳୟ ବହୁ ପରୀକ୍ଷାର ସମ୍ମୁଖୀନ ହେବ ।

ଜଳଭଣ୍ଡାର, କେନାଲ ବ୍ୟବସ୍ଥା ଯୋଗୁଁ ଲକ୍ଷ ଲକ୍ଷ ବିସ୍ଥାପିତ ଲୋକଙ୍କ ପାଇଁ କ୍ଷତିପୂରଣ ଓ ପୁନର୍ବାସ ପାଇଁ ପ୍ରଚୁର ଅର୍ଥ ଓ ଜମିର ବ୍ୟବସ୍ଥା କରିବା ସମ୍ଭବପର କି ? ଯଦି ନାହିଁ, ସାମାଜିକ ବିସ୍ଫୋରଣ ସ୍ଥିତି ସୃଷ୍ଟିହେବ । ଉତ୍ତରରୁ ଦକ୍ଷିଣକୁ ଜଳ ଗଡ଼ି ଗଡ଼ି ଚାଲିଯିବ ନାହିଁ । ଦକ୍ଷିଣକୁ ପାଣି ଉପରକୁ ଉଠାଇ ନେବାକୁ ହେବ କାରଣ ପୂର୍ବଘାଟ ପର୍ବତମାଳ ଡେଇଁଲେ ଯାଇ ପାଣି ଦକ୍ଷିଣକୁ ଯାଇପାରିବ । ପାଣିକୁ ନେବାପାଇଁ ହେଲେ ଲିଫ୍ଟ ପମ୍ପରେ ଉଠାଇବାକୁ ହେବ ବିଭିନ୍ନ ସ୍ଥାନରେ । କିମ୍ବା ପର୍ବତମାଳା, ପାହାଡ଼ରେ ଟନେଲ ଖୋଳି ନେବାକୁ ହେବ । ଲିଫ୍ଟ ପାଇଁ ବହୁ ପରିମାଣ ବିଦ୍ୟୁତ ଦରକାର, ସେଥିପାଇଁ ଗୋଟିଏ ହିସାବରେ ୯୦ ହଜାର ମେଗାୱାଟର ଆବଶ୍ୟକତା ଥିବାବେଳେ ଯଦି ବୁଲେଇ କରି ବିଭିନ୍ନ ପାହାଡ଼ ପଖାରେ ନିଆଯାଏ ସେଥିପାଇଁ ୧୦ ହଜାର ମେଗାୱାଟ ଦରକାର । ଏଥିପାଇଁ ବ୍ୟୟ ବହୁଳ ହେବ । ଉତ୍ପାଦନ ଓ ମୂଲ୍ୟ ଦୃଷ୍ଟିରୁ ଏହା ଏକ ବଡ଼ବାଧକ ।

ଗଙ୍ଗା ଓ ବ୍ରହ୍ମପୁତ୍ରର ବଳକା ପାଣି ସର୍ବଦା ନଥାଏ । ଦେଶର ମୋଟ ବର୍ଷାଜଳ ୪୦୦୦୦୦ କୋଟି ଘନ ମିଟର ମଧ୍ୟରୁ ଅଧିକାଂଶ ପରିମାଣ ବର୍ଷର ୧୦୦ ଘଣ୍ଟା ମଧ୍ୟରେ ପଡ଼ିଥାଏ । ଉକ୍ତ ସମୟ ମଧ୍ୟରେ ଦେଶର ସର୍ବତ୍ର ବର୍ଷା ହୋଇଥାଏ ଓ ଶୁଖିଲା ନଦୀମାନଙ୍କରେ ମଧ୍ୟ ବନ୍ୟା ଆସିଥାଏ । ତାହାହେଲେ ଉକ୍ତ ସମୟର ପାଣି ଗଙ୍ଗା ଓ ବ୍ରହ୍ମପୁତ୍ରରୁ ନେଇ ଯେଉଁ ନଦୀମାନଙ୍କ ଜରିଆରେ ଯିବ ସେହି ନଦୀମାନଙ୍କ ବନ୍ୟାର ପ୍ରକୋପ ଅତ୍ୟଧିକ ହେବ । ଉକ୍ତ ୧୦୦ ଘଣ୍ଟା ସମୟର ବଳକା ପାଣିକୁ ରଖିଥିବା ଜଳଭଣ୍ଡାରଗୁଡ଼ିକ ବାକି ୯ ମାସ ସମସ୍ତ ଅଞ୍ଚଳକୁ ପାଣି ଯୋଗାଇପାରିବେ କି ?

କେନ୍ଦ୍ର ସରକାରଙ୍କ ପୂର୍ବତନ ଜଳସଂପଦ ସଚିବ ରାମସ୍ୱାମୀ ଆର. ଆୟାରଙ୍କ ଅନୁଯାୟୀ ୧୯୮୨ ଅଧ୍ୟକ୍ଷ ଗଠନ କରାଯାଇ ବଳକାଜଳ ସଂକ୍ରାନ୍ତରେ ଅନୁଧ୍ୟାନ କରାଯାଇଛି । ୧୯୯୯ ସେପ୍ଟେମ୍ବର ମାସରେ NCIWRDP (National Commission on Integrated Water Resources Development Plan) ରିପୋର୍ଟରେ ଆର୍ଥିକ ଓ ପରିବେଶ ସମସ୍ୟା ଗୁରୁତର ବୋଲି ଦର୍ଶାଇଛି ।

ଉକ୍ତ ରିପୋର୍ଟ ପରାମର୍ଶ ଦେଇ କହିଛି ଯେ - ଆନ୍ତଃ ସଂଯୋଗ ବଦଳରେ ଜଳ ବଣ୍ଟନ ବ୍ୟବସ୍ଥାରେ ସଂପୂର୍ଣ୍ଣ ବିକାଶ ଓ ଦକ୍ଷ ବ୍ୟବହାର କରାଯାଇ ପାରିଲେ ପୃଥକଭାବେ

Digitized by srujanika@gmail.com

ପ୍ରତ୍ୟେକ ନଦୀ ଅବବାହିକାର ଆବଶ୍ୟକତାକୁ ଭଲଭାବେ ପୂରଣ କରିହେବ । କେବଳ କାବେରୀ ଓ ଭାଇଯାଇ ନଦୀ ପକ୍ଷରେ ସମ୍ଭବ ନୁହେଁ ।

ଜଳସଂପଦ ମନ୍ତ୍ରାଳୟର ଆଉଜଣେ ପୂର୍ବତନ ସଚିବ ଏମ୍.ଏସ୍.ରେଡ଼ି କହିଛନ୍ତି ଯେ - ଉକ୍ତ ନଦୀ ସଂଯୋଗ ଯୋଜନା ଜରିଆରେ ପ୍ରତି ସେକେଣ୍ଡରେ ମାତ୍ର ୧୫୦୦ ଘନ ମିଟର ଜଳ ଉଠାଯିବାର ସମ୍ଭାବନା ରହିଛି । ଏହା ବନ୍ୟା ନିୟନ୍ତ୍ରଣ କରିପାରିବ ନାହିଁ । କାରଣ ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ ଓ ଗୋଦାବରୀ ନଦୀ ମାନଙ୍କ ବନ୍ୟା ବେଳେ ପ୍ରତି ସେକେଣ୍ଡରେ ସାଧାରଣତଃ ୩୦୦୦୦ ରୁ ୬୦୦୦୦ ଘନମିଟର ପାଣି ବହୁଥାଏ । ସେ ମତ ଦେଇଛନ୍ତି ଯେ, ପ୍ରତ୍ୟେକ ନଦୀ ଅବବାହିକା ଅଞ୍ଚଳରେ ଜଳକୁ ଯେପରି ସଦୁପଯୋଗ କରାଯାଇପାରିବ ସେଥିପାଇଁ ସେହି ଆମ ଦେଶର ସମସ୍ତ ନଦୀର ପାଣିର ସାମର୍ଥ୍ୟ ଅଛି । ବର୍ତ୍ତମାନ ଥିବା ୧୪ କୋଟି ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରିବ । ବର୍ତ୍ତମାନ କେବଳ ୫ କୋଟି ୩୦ ଲକ୍ଷ ହେକ୍ଟର ଜଳସେଚିତ ଜମି ସରକାରୀ ହିସାବରେ ।

ପ୍ରସ୍ତାବିତ ଉପକୂଳର ବଡ଼ ବଡ଼ ନଦୀମାନଙ୍କ ସଂଯୋଗ ତାଲିକା

ସଂଯୋଗ ନଦୀ	ନଦୀରୁ ପାଣିଯିବ (ଘ.ମି.ମି.)	ନଦୀକୁ ଯିବା ପାଣିର ପରିମାଣ (ଘ.ମି.ମି.)
ମହାନଦୀର ମଣିଭଦ୍ରା ଠାରୁ ଡ଼ାଉଲ ସ୍ୱରମ	ମହାନଦୀ ୧୧, ୧୭୬	ଗୋଦାବରୀ ୬୫୦୦
ଇଚ୍ଛାମପଲ୍ଲୀରୁ ନାଗାର୍ଜୁନ ସାଗର	ଗୋଦାବରୀ ୧୬୪୨୬	କ୍ରିଷ୍ଣା ୧୪୨୦୦
ଇଚ୍ଛାମପଲ୍ଲୀରୁ ପୁଲିଜନ୍ତଲା	ଗୋଦାବରୀ ୪୩୭୧	କ୍ରିଷ୍ଣା ୪୩୭୧
ପୋଲାଭାରମରୁ ବିଜୟୱାଡ଼ା	ଗୋଦାବରୀ ୪୩୦୩	କ୍ରିଷ୍ଣା ୩୩୦୫
ଆଲମଟୀରୁ ପେନାର	କ୍ରିଷ୍ଣା ୧୯୮୦	ପେନାର ୧୯୮୦
ସ୍ରିସାଇଲମ ରୁ ପେନାର	କ୍ରିଷ୍ଣା ୨୩୧୦	୨୦୯୫

Digitized by srujanika@gmail.com

ନାଗାର୍ଜୁନ ସାଗରରୁ ସୋମାସିଲା	କ୍ରିଷ୍ଣା ୧୨୧୪୬
ପେନ୍ନାର ୮୬୪୮	
ସୋମାସିଲାରୁ ଗ୍ରାଣ୍ଡ ଆନିକଟ	ପେନ୍ନାର ୮୫୬୫
କାବେରୀ ୩୮୫୫	
କଟାଲାଇ ରେଗୁହାରରୁ ଭାଇଗାଇ ଗୁଣ୍ଡାର	କାବେରୀ ୨୨୫୨
ଭାଇଗାଇ ୨୨୫୨	

(Source NCIWRDP'S REPORT - September 1999)

ପଶ୍ଚିମାଞ୍ଚଳ ନଦୀ ସଂଯୋଗ

କେନ - ବେଟଓ୍ବା, ପାର୍ବତୀ - କାଳୀସିନ୍ଧ - ଚମ୍ବଲ, ପାର - ତାପି - ନର୍ମଦା, ଦାମନ ଗଙ୍ଗା - ପିଂଜାଲ, ବେଡ଼ତି - ଭାର୍ଦା, ନେତ୍ରବତୀ - ହେମବତୀ, ପମ୍ବା - ଆଚଙ୍କଭିଲ୍ - ଭାଇଗାଇ

(Source NCIWRDP'S REPORT - September 1999)

ବିକଳ୍ପ

ବଡଲୋକଙ୍କୁ ଉତ୍ତର ନାହିଁ ପରି ବର୍ତ୍ତମାନ ଦେଶର ସର୍ବୋଚ୍ଚ କ୍ଷମତାଶାଳୀ ପଦଧାରୀ ବ୍ୟକ୍ତି ଓ ବିଚାରାଳୟ ନଦୀ ସଂଯୋଗ ପାଇଁ କହିଦେବା ପରେ ଜାତୀୟ ସ୍ତରରେ ବହୁ ବିଶେଷଜ୍ଞ, ଆଞ୍ଚଳିକ ସ୍ତରରେ ଅଭିଜ୍ଞ ବ୍ୟକ୍ତିମାନଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ଖୋଲା ଆଲୋଚନା ନ ହେବାର ସମ୍ଭାବନା ଅଛି । ଆମ ଗଣତନ୍ତଟି ବିକାଶ ନାମରେ ଆଲୋଚନା ବେଳେ ଗଣତନ୍ତ୍ରରେ ପରିଣତ ହୋଇଯାଉଛି । ବିନା ତର୍କ ଓ ଅନୁଧ୍ୟାନରେ ବିନା ଏପରି ଏକ ସ୍ୱପ୍ନବିଳାଷୀ ପରିକଳ୍ପନାର ବାସ୍ତବତା ପ୍ରତି ଆଖି ବୁଜିଦେଇ କେବଳ ଏକ ମରୀଚିକାରେ ପରିଣତ ହେବ ।

ଦେଶର ବନ୍ୟା ଓ ମରୁଡ଼ିର ପ୍ରତିକାର ପାଇଁ ପ୍ରଥମେ ଆଞ୍ଚଳିକ ସ୍ତରରେ ହିଁ ଯୋଜନା କାର୍ଯ୍ୟକାରିତା ଜନସାଧାରଣଙ୍କ ଭାଗିଦାରୀକୁ କେନ୍ଦ୍ରକରି ହିଁ ସମ୍ଭବପର । ପ୍ରଥମେ ଗଙ୍ଗା ନଦୀ ଓ ବ୍ରହ୍ମପୁତ୍ରର ପାଣିକୁ ଦକ୍ଷିଣକୁ ନେବା ବଦଳରେ ନିର୍ଦ୍ଦିଷ୍ଟ ନଦୀମାନଙ୍କ ସହ ସଂପୃକ୍ତ ରାଜ୍ୟମାନଙ୍କ ଶୃଙ୍ଖଳା ଅଞ୍ଚଳକୁ ଛୋଟ ଛୋଟ ଜଳାଶୟ ଓ ସଂଯୋଗ କେନାଲ ଜରିଆରେ ବର୍ଷ ସାରା ଜଳର ଉପସ୍ଥିତି ଓ ବ୍ୟବହାର ପ୍ରତି ଧ୍ୟାନ ଦେବା ଏକ ସଫଳ ଉଦ୍ୟମ ହେବ । ଯେଉଁ ଦେଶରେ ନଦୀ ସଂଯୋଗ କରାଯାଇଛି ତାହା ସୀମିତ ଭାବରେ ହୋଇଛି । ଆମ ଦେଶରେ ମଧ୍ୟ ପଶ୍ଚିମ ଯମୁନା କେନାଲ ଏବଂ ଆଗ୍ରା କେନାଲ ଜରିଆରେ ହିମାଳୟରୁ ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନ ପର୍ଯ୍ୟନ୍ତ, ଊନବିଂଶ ଶତାବ୍ଦୀରୁ କୁର୍ଣ୍ଣଲ - କୁଡ଼ାପାଲ ଏବଂ ପେରିୟାର ଭାଇଗାଇ କେନାଲ ପରି କେତେକ ସଂଯୋଗ ଜଳ ବ୍ୟବସ୍ଥା ହୋଇଛି ଏବଂ

Digitized by srujanika@gmail.com

ଏହାଦ୍ୱାରା କୃଷିରେ ବିକାଶ ହୋଇଛି ବୋଲି ଜଣେ ପୂର୍ବତନ ମୁଖ୍ୟଯନ୍ତ୍ରୀ (କେନ୍ଦ୍ର ଜଳ ଆୟୋଗ) ଏମ୍.ଏସ୍. ମେନନ ଉଦାହରଣ ଦେଇ ଜାତୀୟ ସ୍ତରରେ ନଦୀ ସଂଯୋଗ ସପକ୍ଷରେ ମତ ଦେଇଛନ୍ତି । ଶ୍ରୀ ମେନନଙ୍କ ପରାମର୍ଶ ରାଜ୍ୟ ରାଜ୍ୟ ମଧ୍ୟରେ ବୁଝାମଣା ହେବା ଦରକାର ଓ ଜଳର କ୍ଷତି ସହୁଥିବା ରାଜ୍ୟକୁ ଜଳର ହିତାଧିକାରୀ ରାଜ୍ୟଠାରୁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ହେବା ଉଚିତ, କିନ୍ତୁ ଆମର ଅନୁଭୂତି ହେଲା- ଯେଉଁ ରାଜ୍ୟମାନେ ନିଜର ଶୃଙ୍ଖଳା ଅଞ୍ଚଳ ଥାଉ ଥାଉ ଅନ୍ୟ ରାଜ୍ୟକୁ ବଳକା ପାଣି ନାମରେ ତ୍ୟାଗ କରିବା ସହଜ ନୁହେଁ । କାବେରୀକୁ ନେଇ କର୍ଣ୍ଣାଟକ-ତାମିଲନାଡୁ ମଧ୍ୟରେ ଶତୃତା ବଢୁଛି । ପୁଣି କ୍ଷତିପୂରଣ ପ୍ରସ୍ତାବଟି ଆହୁରି ଅବାସ୍ତବ । ତେଣୁ ରାଜ୍ୟ ମଧ୍ୟରେ ଥିବା ନଦୀମାନଙ୍କୁ ନେଇ ଛୋଟ ଛୋଟ କେନାଲ, ଜଳ ସଂରକ୍ଷଣ ପାଇଁ ପୁରାତନ ପାରଂପରିକ ଜଳାଶୟକୁ ଗୁରୁତ୍ୱ ଦେଇ ସ୍ୱଳ୍ପ ଖର୍ଚ୍ଚରେ ଯୋଜନା ହେବା ବିଜ୍ଞତାର କାର୍ଯ୍ୟ ହେବ । ଏହାଫଳରେ ଭୟରୁ ମୁକ୍ତ ରହିବେ କୋଟି କୋଟି ଜନତା ଯେଉଁମାନେ ନଦୀ ସଂଯୋଗ ପରିକଳ୍ପନାରେ ଜୀବିକା ହରାଇବେ ଓ ଜଳ ବି ହରାଇବେ ଏହା ସହ ପରିବେଶ ଅପୂରଣୀୟ କ୍ଷତିରୁ ରକ୍ଷା ପାଇଯିବ ।

ନଦୀ ସଂଯୋଗ ଯୋଜନା ଓଡ଼ିଶା ପାଇଁ ମହାବିପତ୍ତି

ଗଙ୍ଗା ଓ ବ୍ରହ୍ମପୁତ୍ରର ଜଳକୁ ଦକ୍ଷିଣ କାବେରୀ ପର୍ଯ୍ୟନ୍ତ ନେବାକୁ ହେଲେ ମହାନଦୀ ଜରିଆରେ ଓଡ଼ିଶାର ଉପକୂଳ ଅଞ୍ଚଳ ଦେଇ ସଂଯୋଗ କେନାଲ ଗୋଦାବରୀକୁ ଯୋଡ଼ିବା ଅପରିହାର୍ଯ୍ୟ ।ଏଠି ଏକ ବଡ଼ ପ୍ରଶ୍ନ ମାତ୍ର ୧୦୦ ଘଣ୍ଟାରେ ଅତ୍ୟଧିକ ବର୍ଷା ଜଳ ଯେତେବେଳେ ମହାନଦୀ ଦେଇ ଆସିବ ମହାନଦୀର ଅବସ୍ଥା କ'ଣ ହେବ ? ବର୍ତ୍ତମାନ ବନ୍ୟା ସାଙ୍ଗରେ ହୀରାକୁଦର ପାଣି ଛାଡ଼ିଲେ ପୂର୍ବତଟ ସଂପୂର୍ଣ୍ଣ ବନ୍ୟା ଘେରରେ । ଯଦି ଗଙ୍ଗା ସହ ସଂଯୋଗ ହେବାପରେ ସେହି ସମୟରେ ହୀରାକୁଦ ପାଣି ଛାଡ଼ିବା ସମ୍ଭବପର ନୁହଁ । ଯଦି ଛାଡ଼େ ପଶ୍ଚିମାଞ୍ଚଳରେ ମଧ୍ୟ ପ୍ରବଳ ବନ୍ୟା ହେବ ।

ପୁଣି ଓଡ଼ିଶା ଭିତରେ ଏହି ନଦୀ ସଂଯୋଗ ଯୋଜନା ଜରିଆରେ ମଣିଭଦ୍ରାଠାରେ ବୃହତ ଜଳ ଭଣ୍ଡାର ହେବାକୁ ବାଧ୍ୟ । ଓଡ଼ିଶାର ସମତଳ ଅଞ୍ଚଳ ପାଇଁ ଉକ୍ତ ନଦୀବନ୍ଧ ଯୋଜନାକୁ ପଶ୍ଚିମାଞ୍ଚଳ ଗ୍ରହଣ କରିନଥିବାରୁ ତାହା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟାହୃତ ହୋଇଛି । ପୁଣି ୭୩ତମ ସଂବିଧାନ ସଂଶୋଧନ ଏବଂ ଆଦିବାସୀ ସ୍ୱୟଂଶାସନ ବିଧି ଲାଗୁ ହେଲାପରେ ଆଦିବାସୀ ଅଞ୍ଚଳର ଜଳ, ଜଙ୍ଗଲ ଜମି ସେମାନଙ୍କ ବିନା ଅନୁମତିରେ ନିଆଯାଇ ପାରିବ ନାହିଁ । ଏହା ବ୍ୟତୀତ ଆଉ ୩ଟି ନଦୀବନ୍ଧ ନିର୍ମାଣ ପ୍ରସ୍ତାବ ରହିଛି ନଦୀ ସଂଯୋଗ ଯୋଜନାରେ । ଓଡ଼ିଶାର ମହାନଦୀ ଉପକୂଳ ଅଞ୍ଚଳରେ ଏବେ ବି ୨,୧୭,୮୪୫ ହେକ୍ଟର ଜମି ଜଳ ମଗ୍ନ ହେଉଛି । ସଂଯୋଗ କେନାଲ ଉକ୍ତ ଉପକୂଳ ଅଞ୍ଚଳ ଦେଇ ଗଲାପରେ ଅବସ୍ଥା ଅଧିକ ସାଂଘାତିକ ହେବ । ଜଳମଗ୍ନ ଜମିର ପରିମାଣ କେତେଗୁଣ ବଢ଼ିଯିବ ତାହା ହିସାବ କରିବା ଏକାନ୍ତ ଜରୁରୀ । ପୁଣି ମହାନଦୀର ପାଣି ଅନ୍ୟତ୍ର ପଠାଇବା

Digitized by srujanika@gmail.com

ପାଇଁ ଯଥେଷ୍ଟ ନୁହଁ । କାରଣ ମହାନଦୀରେ ବର୍ଷା ଦିନ ବ୍ୟତୀରକେ ଅନ୍ୟ ଦିନମାନଙ୍କରେ ସେପରି ଅଧିକ ପାଣି ପ୍ରବାହିତ ହୁଏ ନାହିଁ । ଅନ୍ୟ ନଦୀ ଅବବାହିକା ଗୁଡ଼ିକରେ ପାଣି ଅଭାବ ବୋଲି ଅନୁଧାନ ରିପୋର୍ଟରେ ଉଲ୍ଲେଖ ଅଛି । ଯଥା ଗଂଜାମର ଋଷିକୂଲ୍ୟା ନଦୀ ଅବବାହିକା ଜଳ ଅଭାବ ବୋଲି ୧୯୮୫ରୁ ବିଶେଷଜ୍ଞମାନେ ଦର୍ଶାଇଛନ୍ତି । ଏହାର ସମାଧାନ ପାଇଁ ମହାନଦୀରୁ କେନାଲ ବ୍ୟବସ୍ଥାରେ ବର୍ତ୍ତମାନ ଥିବା ଗଂଜାମର ଜଳଭଣ୍ଡାରଗୁଡ଼ିକୁ ଜଳ ଆଣି ଗଂଜାମର କୃଷି ପାଇଁ ଆବଶ୍ୟକ ଜଳ ଯୋଗାଇବାକୁ ମଧ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଏହିପରି ଓଡ଼ିଶାର ବିଭିନ୍ନ ସ୍ଥାନରେ ବଡ଼ ନଦୀମାନଙ୍କ ଜଳକୁ କ୍ଷୁଦ୍ର ଜଳାଶୟ ଓ କେନାଲ ବ୍ୟବସ୍ଥା ଜରିଆରେ ମରୁଡ଼ିର ପ୍ରତିକାର କରାଯାଇପାରିବ । ଏହି ଯୋଜନା ଦ୍ୱାରା ପରିବେଶଜନିତ ସଙ୍କଟ ମଧ୍ୟ ଉପାନକ ହେବ । କାରଣ ଓଡ଼ିଶାର ଜଙ୍ଗଲ ହ୍ରାସ ଉଦ୍‌ବେଗ ପରିସ୍ଥିତି ସୃଷ୍ଟି କରିଛି । ପରିବେଶ ସନ୍ତୁଳନ ପାଇଁ ଏକ ତୃତୀୟାଂଶ ଜଙ୍ଗଲ ରହିବା ଆବଶ୍ୟକ ବେଳେ ଆମ ଜଙ୍ଗଲ ମାତ୍ର ୧୫ ପ୍ରତିଶତ ଅଛି । ତେଣୁ ଓଡ଼ିଶାର ଜଳ ଓ ପରିବେଶ ସମସ୍ୟା ଜାତୀୟ ନଦୀ ସଂଯୋଗ ଯୋଜନା ଦ୍ୱାରା ଜଟିଳ ହେବ ଏବଂ ସାମାଜିକ ଓ ଆର୍ଥିକ ସଂକଟ ସୃଷ୍ଟି କରିବ ।

ଓଡ଼ିଶାର ଭୂତଳ ଜଳକୁ ମଧ୍ୟ ଠିକ୍ ଭାବେ ବ୍ୟବହାର କରାଯାଇପାରିନାହିଁ । ତେଣୁ ଆମ ଆବଶ୍ୟକତାକୁ ଆଖି ଆଗରେ ରଖି ଆମ ନଦୀ ଜଳ ଓ ଭୂତଳ ଜଳକୁ ଛୋଟ ଛୋଟ ସ୍ଥାନୀୟ ପ୍ରକଳ୍ପ ଜରିଆରେ ସ୍ଥାନୀୟ ଦେଶୀୟ ଜ୍ଞାନକୁ ବ୍ୟବହୃତ କରାଯାଇପାରିଲେ ଭବିଷ୍ୟତ ପାଇଁ ମଧ୍ୟ ଜଳ ସଂରକ୍ଷିତ ହୋଇ ରହିପାରିବ । ନଦୀମାନଙ୍କରୁ ପାଣି ଯୋଗାଇବା ନାମରେ କଂପାନୀମାନଙ୍କୁ ନଦୀ ବିକା ଆରମ୍ଭ ହେଲାଣି । ଛତିଶଗଡ଼ର ସିଓ୍ୱନାଥ ନଦୀର ୨୬ କି.ମି. ୱାଟର ରେଡ଼ିଅସ କଂପାନୀକୁ ୨୨ ବର୍ଷ ପାଇଁ ଜଳ ବିକିବାକୁ ଲିଜ୍ ଦିଆସରିଛି । ଏପରି ବହୁସଂଖ୍ୟକ କଂପାନୀମାନଙ୍କୁ ଡକାଯିବ ନଦୀ ସଂଯୋଗ ଯୋଜନା କ୍ଷେତ୍ରକୁ । ଋଷିକୁଲ୍ୟାର ଜଳ ପରିଚାଳନା ଦାୟିତ୍ୱ ଫ୍ରାନ୍ସର ଏକ କଂପାନୀକୁ ଦେବା ପ୍ରସ୍ତାବ ଓଡ଼ିଶା ସରକାର ଚିନ୍ତାକଲେଣି । ଏହା ଯଦି ନଦୀ ସଂଯୋଗ ଯୋଜନାରେ ଲାଗୁ ହେବ, ଜଳ ସଂପୂର୍ଣ୍ଣଭାବେ ଘରୋଇକରଣ ହେବ । ଏପରି ଏକ ମରୀଚିକା ପଛରେ ବିଶ୍ୱବ୍ୟାଙ୍କ ରହିଥିବା ମନେହେଉଛି । ଜଳକୁ ବଜାରୀକରଣ କରିବା । ଦେଶପାଇଁ ଏକ ବିପଦ ଓ ଆମ ଓଡ଼ିଶା ପାଇଁ ମହା ବିପତ୍ତି ।

(ଏହି ଲେଖାଟି ଦୈନିକ ଖବର କାଗଜ ସମାଜ, ଧରିତ୍ରୀ, ପ୍ରଗତିବାଦୀ ଓ ପ୍ରଜାତନ୍ତ୍ରରେ ପୂର୍ବରୁ ପ୍ରକାଶିତ ହୋଇଛି)

Digitized by srujanika@gmail.com

ନଦୀ ସଂଯୋଗ ଯୋଜନାର କେତେକ ସୂଚନା

ଅଗଷ୍ଟ ୧୯୮୦ କେନ୍ଦ୍ରର ଜଳସମ୍ପଦ ମନ୍ତ୍ରଣାଳୟ ଦ୍ୱାରା ଜଳ ବିକାଶର ଏକ ଜାତୀୟ ଦୃଶ୍ୟପଟ ପ୍ରସ୍ତୁତ ।

ଜୁଲାଇ ୧୯୮୨ ଜାତୀୟ ଜଳବିକାଶ ଏଜେନ୍ସି ଜଳର ଜାତୀୟ ଚିତ୍ରପଟ ଅନୁଧ୍ୟାନ କରିବାକୁ ଗଠିତ ହେଲା ।

ସେପ୍ଟେମ୍ବର ୧୯୯୯ : NCIWRDPର ରିପୋର୍ଟ ଉପସ୍ଥାପନ ।

ଅକ୍ଟୋବର ୩୧, ୨୦୦୦ : ସୁପ୍ରିମକୋର୍ଟ କହିଲେ ବଡ଼ ବଡ଼ ନଦୀମାନଙ୍କର ସଂଯୋଗ କରିବାକୁ ।

ନଭେମ୍ବର ୨୦୦୨ : କେନ୍ଦ୍ର ସରକାରଙ୍କ ଦ୍ୱାରା ୬ଟି ଉପଦ୍ୱୀପ ସଂପର୍କୀୟ ନଦୀ ସଂଯୋଗ ପ୍ରସ୍ତାବ ଅନୁଧ୍ୟାନ ଶେଷ ହୋଇଛି ବୋଲି ଘୋଷଣା ।

ଡ଼ିସେମ୍ବର ୨୦୦୨ : ନଦୀ ସଂଯୋଗ କରିବା ନେଇ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟ ଏକ ନିର୍ଦ୍ଦେଶ କିମ୍ବା ନୀତିଗତ ହସ୍ତକ୍ଷେପ ନଥିଲା । ଏହା କେନ୍ଦ୍ର ସରକାରଙ୍କୁ କେବଳ ଏକ ପରାମର୍ଶ ବା ପ୍ରସ୍ତାବ ରୂପେ କୁହାଯାଇଥିଲା ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ବି.ଏନ୍.କ୍ରିପାଲ ବାଙ୍ଗାଲୋରଠାରେ ସ୍ପଷ୍ଟୀକରଣ ଦେଇଛନ୍ତି । ନଦୀ ସଂଯୋଗ ଉପରେ ସୁପ୍ରିମକୋର୍ଟର ଖଣ୍ଡପୀଠ ଯେଉଁ ମନ୍ତବ୍ୟ ଦେଇଥିଲେ, ସେହି ବିଚାରବେଳେ ଜଷ୍ଟିସ କ୍ରିପାଲ ଅଧ୍ୟକ୍ଷତା କରିଥିଲେ । ସରକାର ଏହାକୁ ଗ୍ରହଣ କରିପାରନ୍ତି କିମ୍ବା ନ କରି ବି ପାରନ୍ତି । ଏହା ବାଧ୍ୟ ବାଧ୍ୟକତା ନୁହଁ ବୋଲି ସେ କହିଥିଲେ ।

ଡ଼ିସେମ୍ବର ୧୬, ୨୦୦୨ : କେନ୍ଦ୍ର ସରକାର ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି ।

ପ୍ରତିକ୍ରିୟା :

ବିଜେପିର ସଭାପତି ଭେଙ୍କେୟା ନାଇଡୁ ଯେତେବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଦାୟିତ୍ୱରେ ଥିଲେ, ସେତେବେଳେ ରାଜ୍ୟ ସଭାରେ ଏକ ଆଲୋଚନା ବେଳେ ଉତ୍ତର ଦେଇ କହିଥିଲେ ଯେ ଦେଶର ଭୌଗୋଳିକ ପରିସ୍ଥିତି ଅନୁଯାୟୀ ନଦୀ ସଂଯୋଗ ପ୍ରକଳ୍ପ ସମ୍ଭବପର ନୁହଁ । ଏହା ବ୍ୟତିରେକ, ସରକାର ୨୦୦୪ ମସିହା ସୁଦ୍ଧା ଦେଶର ପ୍ରତ୍ୟେକ ଗ୍ରାମକୁ ପିଇବା ପାଣି ଯୋଗାଇବା ପାଇଁ ଯୋଜନା କରୁଛନ୍ତି । ଦିଲ୍ଲୀଠାରେ ଏକ ନାଗରିକ ମଞ୍ଚ ଦ୍ୱାରା ଆୟୋଜିତ ଆଲୋଚନାରେ ମତପ୍ରକାଶ ପାଇଛି ଯେ - ନଦୀ ସଂଯୋଗ ବଦଳରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ନିଜ ଅଞ୍ଚଳର ଜଳକୁ କିପରି ସଂରକ୍ଷିତ ରଖାଯାଇ ବ୍ୟବହୃତ ହୋଇପାରିବ ତାହା ହିଁ ଏକ ଉତ୍ତମ ବିକଳ୍ପ । ଏହି ଆଲୋଚନାରେ କେନ୍ଦ୍ର ସରକାରଙ୍କ ପୂର୍ବତନ ଜଳ ସଂପଦ ସଚିବଙ୍କ ଠାରୁ ଆରମ୍ଭ କରି ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡ୍ଡୁ, ରାଜସ୍ଥାନ, ମହାରାଷ୍ଟ୍ର ଓ ଦିଲ୍ଲୀର ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

Digitized by srujanika@gmail.com

ଅତି ବହୁ ଓ ବହୁଳ ପରିକଳ୍ପନା ନଦୀ ସଂଯୋଗ ଅବାସ୍ତବ ବୋଲି ଅଧିକାଂଶ ସଦସ୍ୟ ମତପ୍ରକାଶ କରିଥିଲେ ।

ଅଗଷ୍ଟ ୯, ୨୦୦୦ ତାରିଖରେ ଦୁଇ ସାଂସଦ ଡ଼ିଭିସି ଶଙ୍କର ରାଓ ଓ ଦିଲୀପ କୁମାର ଗାନ୍ଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଜଳସଂପଦ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ବିଜୟା ଚକ୍ରବର୍ତ୍ତୀ କହିଥିଲେ ଯେ - 'ଯାହା ହେଉନା କାହିଁକି, ଡକ୍ଟର କେ.ଏଲ. ରାଓଙ୍କ ଦ୍ୱାରା ପ୍ରସ୍ତାବିତ ଗଙ୍ଗା କାବେରୀ ସଂଯୋଗକୁ କେନ୍ଦ୍ର ଜଳ ଆୟୋଗ ଦ୍ୱାରା ପରୀକ୍ଷା କରି ଦେଖାଗଲା ଯେ ତାହା ଅତି ନ୍ୟୁନଭାବେ ହିସାବ କରାଯାଇଛି ଏବଂ ଏହି ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତିର ଆବଶ୍ୟକତା ରହିଛି ଓ ବନ୍ୟା ନିୟନ୍ତ୍ରଣ ପାଇଁ ଆଦୌ ଲାଭଦାୟକ ନୁହେଁ ।'

ଅତୀତରେ ଏପରି ବାରମ୍ବାର ସଂସଦରେ ମନ୍ତ୍ରୀମାନେ କହିଥିଲାବେଳେ ହଠାତ୍ ନଦୀସଂଯୋଗ ପରିକଳ୍ପନା ଖୁବ୍ ଲାଭଜନକ ବୋଲି କହିବା କେତେ ଦୂର ଯଥାର୍ଥ ?

ବଙ୍ଗଳାଦେଶ ଓ ଭାରତ ମଧ୍ୟରେ ଜଳଚୁକ୍ତିକୁ ନେଇ ଗଙ୍ଗାରେ ବଳକା ପାଣି ନାହିଁ ବୋଲି କୁହାଯାଉଥିବାବେଳେ ବର୍ତ୍ତମାନ ନଦୀ ସଂଯୋଗ ନାମରେ ଗଙ୍ଗାର ପାଣିକୁ କିପରି ଦକ୍ଷିଣକୁ ନିଆଯିବ ବୋଲି ଅନେକ ପ୍ରଶ୍ନ କରୁଛନ୍ତି । ନ୍ୟାସନାଲ ୱେଷ୍ଟଲ୍ୟାଣ୍ଡ ଡ଼େଭଲପମେଣ୍ଟ ବୋର୍ଡ଼ର ଭି.ବି. ଐଶ୍ୱରନ କହନ୍ତି ଯେ, ଏହି ଅବାସ୍ତବ ପରିକଳ୍ପନା ବଦଳରେ ସ୍ଥାନୀୟ ଜଳ ବ୍ୟବହାର ବ୍ୟବସ୍ଥା ଏବଂ ଜଳ ଛାୟା ପ୍ରକଳ୍ପ ସର୍ବୋତ୍କୃଷ୍ଟ ।

ଆସାମ, ବିହାର, କେରଳ, ପଞ୍ଜାବ, ଓଡ଼ିଶା, ଗୋଆ, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ର ରାଜ୍ୟମାନେ ନିଜ ନିଜ ନଦୀମାନଙ୍କରୁ ଜଳ ନଦେବାପାଇଁ ଆପତ୍ତି କରୁଛନ୍ତି ବୋଲି ଦି ଇକୋଲଜିକାଲ ଫାଉଣ୍ଡେସନର ନିର୍ଦ୍ଦେଶକ ଡକ୍ଟର ସୁଧୀରେନ୍ଦ୍ର ଶର୍ମା କହିଛନ୍ତି । ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୦ ମସିହାର ଗ୍ରୀଷ୍ମକାଳରେ କହିଥିଲେ ଯେ ପ୍ରତ୍ୟେକ ବର୍ଷାଜଳ ଟୋପାକୁ ସଂରକ୍ଷିତ ରଖିବା ପାଇଁ ଆବଶ୍ୟକ ଯୋଜନା କରାଯିବ, କିନ୍ତୁ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇ ନାହିଁ । କିନ୍ତୁ ଯାହା ଅସମ୍ଭବ ବୋଲି ଜଣାପଡ଼ିଛି । ସେପରି ଏକ ଯୋଜନା ନଦୀ ସଂଯୋଗ ପାଇଁ ଟାସ୍କଫୋର୍ସ ଗଠନ ପଛରେ ଠିକାଦାର, ଇଂଜିନିୟର, ପ୍ରଶାସକ ଏବଂ ରାଜନୈତିକ ନେତାମାନଙ୍କ ଏକ ମିଳିତ ଷଡ଼ଯନ୍ତ୍ର ଅଛି ଯାହାଫଳରେ ହଜାର ହଜାର କୋଟି ଟଙ୍କା ବରବାଦ ହେବ । ମହାରାଷ୍ଟ୍ରର ଶ୍ରମିକ ସଂଘ ମାନଙ୍କ ତରଫରୁ ଗଠିତ ପାଣି ପରିଷଦ (ତା. ୧୨.୨.୨୦୦୩)ର ଗୃହୀତ ପ୍ରସ୍ତାବରେ କୁହାଯାଇଛି ଯେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ ନଦୀଜଳକୁ ନେଇ ବିବାଦଗୁଡ଼ିକୁ ଏକ ସମନ୍ୱିତ ପ୍ରଚେଷ୍ଟାରେ ସମାଧାନ କରିବା ପରିବର୍ତ୍ତେ ଏହି ବିବାଦକୁ ଏଡ଼ାଇବା ପାଇଁ ହଠାତ୍ ଗଙ୍ଗା କାବେରୀ ସଂଯୋଗ ପରିକଳ୍ପନା ୨୦ ବର୍ଷ ମଧ୍ୟରେ ଶେଷ କରିବା ଘୋଷଣା ଆର୍ଥିକ ଓ ବୈଷୟିକ ଦୃଷ୍ଟିକୋଣରୁ ଅବାସ୍ତବ ।

ଏହି ନଦୀ ସଂଯୋଗ ଯୋଜନା ପଛରେ ଘରୋଇ କମ୍ପାନୀ ହାତରେ ଜଳ ସଂପଦକୁ ବ୍ୟବସାୟ ପାଇଁ ଟେକି ଦେବାର ଚକ୍ରାନ୍ତ ରହିଛି । ଏହି ପାଣି ପରିଷଦର ଆବାହକ ଆର.ଜି. କମିଶନ କହିଛନ୍ତି ଯେ - ପାଣି ପରିଷଦ ଜଳକୁ ଏକ ଅର୍ଥନୈତିକ ତଥା

Digitized by srujanika@gmail.com

ବ୍ୟାବସାୟିକ ବସ୍ତୁ ରୂପେ ଗ୍ରହଣ କରୁନାହିଁ ଏବଂ ସମସ୍ତଙ୍କୁ ପାଣି ମିଳିବା ପାଇଁ ଏବଂ ଜଳ ସଂପଦ ଉପରେ ସମାଜର ଅଧିକାରକୁ ସ୍ୱୀକାର କରିବା ପାଇଁ ଜନଜାଗରଣ ଅଭିଯାନ କରିବ ।

ତା. ୧୧-୧୨-୨୦୦୦ ଦି ହିନ୍ଦୁର ସମ୍ବାଦ ଅନୁଯାୟୀ କେରଳରେ ପେରିୟାର ନଦୀରୁ ତାମିଲନାଡୁର ଏକ ନଦୀ ଉପତ୍ୟକାକୁ ପାଣି ନିଆଗଲା । ମୁଲାପେରିୟାର ଜଳଭଣ୍ଡାର ନିର୍ମାଣ କରି ଏହା ଶହେ ବର୍ଷ ହୋଇଗଲା, କିନ୍ତୁ ବର୍ତ୍ତମାନ ପେରିୟାର ନଦୀର ତଳ ଭାଗରେ ପାଣି କମିଗଲା, ପ୍ରଦୂଷିତ ହେଲା ପାଣି ଅଭାବରୁ । ପଞ୍ଜାବର ସର୍ବଦଳୀୟ ବୈଠକରେ ଜାତୀୟ ନଦୀ ସଂଯୋଗ ଯୋଜନାକୁ ବିରୋଧ କରାଯାଇଛି । ଅତୀତର ବିଭିନ୍ନ ନଦୀକୁ ନେଇ ଯେଉଁ ଚୁକ୍ତିରେ ଦସ୍ତଖତ କରିଛି, ତାହା ପ୍ରତ୍ୟାହାର କରିବା ପାଇଁ ଦାବି ହୋଇଛି ।

ତା. ୬.୧.୨୦୦୩ରିଖରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ଏସିଆନ୍ ସୋସିଆଲ୍ ଫୋରମ ସମାବେଶରେ ଯୋଗ ଦେଇଥିବା ୨୦୦ଟି ସଂଗଠନର ୫୧୦ ଜଣ ପ୍ରତିନିଧି ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ଏହି ନଦୀ ସଂଯୋଗ ଯୋଜନାକୁ ପ୍ରତ୍ୟାହାର କରିନେବା ପାଇଁ ନିବେଦନ କରିଛନ୍ତି । ଏଥିରେ ମେଧା ପାଟକର, ରାଜେନ୍ଦ୍ର ସିଂହ, ଡକ୍ଟର ବି.ଡ଼ି. ଶର୍ମା, ବେଲାଭାଟିଆ, ଆଶିଷ ନନ୍ଦି, ଶ୍ରୀପଦ ଧର୍ମ ଅଧିକାରୀ, ସ୍ମିତୁ କୋଠାରୀ ପ୍ରମୁଖ ବ୍ୟକ୍ତିମାନେ ସ୍ୱାକ୍ଷର କରିଛନ୍ତି । ମହାରାଷ୍ଟ୍ରର ଜଳସେଚନ ମନ୍ତ୍ରୀ ଜାତୀୟ ଜଳ ସଂପଦ ବୈଠକରେ ଯୋଗ ଦେଇ ଏହି ଯୋଜନାକୁ ବିରୋଧ କରିଥିଲେ ।

କେରଳର ମନ୍ତ୍ରୀ ବିରୋଧ କରି କହିଲେ ଯେ, ପଶ୍ଚିମ ଘାଟ ନଦୀମାନଙ୍କ ସଂଯୋଗ ଅବୈଜ୍ଞାନିକ । (ଏହା ୬.୨.୨୦୦୩ର ଇଣ୍ଡିଆନ ଏକ୍ସପ୍ରେସ୍, ହିନ୍ଦୁସ୍ତାନ ଟାଇମ୍ସର ଓ ୧୪.୨.୨୦୦୩ର ବିଜିନେସ ଷ୍ଟାଣ୍ଡାର୍ଡ଼ରେ ପ୍ରକାଶିତ ହୋଇଛି) ।

ଆସାମରୁ ପ୍ରକାଶିତ 'ଆସାମ୍ ଟ୍ରିବୁନ'ର ତଥ୍ୟାନୁସାରେ ଗୌହାଟୀ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଡି.ସି. ଗୋସ୍ୱାମୀ କହିଛନ୍ତି ଯେ ଏହି ନଦୀ ସଂଯୋଗ ଉପରେ କେନ୍ଦ୍ରର ନିଷ୍ପତ୍ତି ଏକ ଭୁଲ ପଦକ୍ଷେପ । କେଉଁ ନଦୀ ଉପତ୍ୟକାରେ ବଳକା ଜଳ ଅଛି କି ନାହିଁ ତାହା ସଠିକ ମୂଲ୍ୟାୟନ ଏପର୍ଯ୍ୟନ୍ତ କରାଯାଇନାହିଁ । ବ୍ରହ୍ମପୁତ୍ର ନଦୀ ଉପତ୍ୟକାର ଆସାମ ଅଞ୍ଚଳକୁ ବଳକା ପାଣି ଅଞ୍ଚଳ ବୋଲି ଯାହା କୁହାଯାଉଛି ତାହା ଭୁଲ । କାରଣ ଏପର୍ଯ୍ୟନ୍ତ ଆସାମ ପାଇଁ ପାଣିର ସଠିକ ଉପଯୋଗ କରାଯାଉ ନାହିଁ । ଯେବେ କରାଯିବ, ସେତେବେଳେ ନିଅଣ୍ଟ ହେବ । ଆସାମ ଗଣପରିଷଦର ସଭାପତି ବୃନ୍ଦାବନ ଗୋସ୍ୱାମୀ ଏହାକୁ ବିରୋଧ କରି କେନ୍ଦ୍ରର ପଦକ୍ଷେପ ଦ୍ୱାରା ଆସାମବାସୀ ଆବଶ୍ୟକ ଜଳରୁ ବଞ୍ଚିତ ହେବେ ବୋଲି ସତର୍କ କରାଇ ଦେଇଛନ୍ତି । ନିଖିଳ ଆସାମ ଛାତ୍ର ସଂଘ ଏବଂ ଆସାମ ଜାତୀୟବାଦୀ ଯୁବଛାତ୍ର ପରିଷଦ ଏହି ପ୍ରସ୍ତାବକୁ ବିରୋଧ କରିସାରିଲେଣି ।

ପଶ୍ଚିମବଙ୍ଗର ଜଳସେଚନ ମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜଣାଇ ସାରିଲେଣି ଯେ ଏହି ନଦୀ ସଂଯୋଗ ଯୋଜନା ପଶ୍ଚିମ ବଙ୍ଗ ପ୍ରତି ବିପଦ । ଗଙ୍ଗାର ଶେଷ ଭାଗ

Digitized by srujanika@gmail.com

ଏହି ରାଜ୍ୟରେ । ତେଣୁ ଗଙ୍ଗା ଜଳ ଯଦି ସ୍ଥାନାନ୍ତରିତ ହୋଇଯାଏ ତାହାହେଲେ ପଶ୍ଚିମବଙ୍ଗ ଜଳ ନିଅଣ୍ଟ ରାଜ୍ୟରେ ପରିଣତ ହେବ ।

ବିହାର ସରକାର ଜାତୀୟ ସ୍ତରରେ ନଦୀ ସଂଯୋଗକୁ ବିରୋଧ କରି ପ୍ରସ୍ତାବ ଦେଇଛନ୍ତି ଯେ ବିହାର ରାଜ୍ୟର ବିଭିନ୍ନ ନଦୀ ଉପତ୍ୟକାର ସଂଯୋଗ କରି ମରୁଡ଼ି ଅଞ୍ଚଳକୁ ପାଣି ଦିଆଯାଉ । ଏହା ବର୍ତ୍ତମାନ ପ୍ରସ୍ତାବିତ ଖର୍ଚ୍ଚର ମାତ୍ର ୨୦% ସମ୍ଭବପର । ୱାରଲଡ଼ ୱାଇଲଡ଼ ଲାଇଫ ଫଣ୍ଡର ନିର୍ଦ୍ଦେଶକ ଡକ୍ଟର କ୍ଲାଉଡ଼ମାର୍ଟିନ ଭାରତର ଏହି ନଦୀ ସଂଯୋଗ ପ୍ରକଳ୍ପ ପ୍ରାକୃତିକ ସଂପଦର କ୍ଷୟକ୍ଷତି ସହ ପରିବେଶଗତ ପ୍ରଭାବ ପଡ଼ିବ ଏବଂ ଏହାଦ୍ୱାରା ଅନେକ ନଦୀ ଶୁଖିଯିବ ଓ ନଦୀ ସହିତ ଥିବା ଜୈବ ବିବିଧତା କ୍ଷତିଗ୍ରସ୍ତ ହେବ ବୋଲି ସତର୍କ ବାଣୀ ଶୁଣାଇସାରିଲେଣି ।

ବିଜିନେସ ଇଣ୍ଡିଆର ସମ୍ପାଦକୀୟରେ (ତା. ୧୯.୧.୨୦୦୩) କୁହାଯାଇଛି ଯେ ଅତୀତରେ ମୃତଭାବେ ପଡିଥିବା ପ୍ରସ୍ତାବକୁ ପୁଣି ଜୀବନ୍ତ କରି କାର୍ଯ୍ୟକାରୀ କରାଗଲେ ଅତି ବିପଦ ସୃଷ୍ଟି କରିବ । ଏହାଦ୍ୱାରା ସମୁଦ୍ର ଜଳରେ ପରିବର୍ତ୍ତନ ଆସିବ । ସରକାରଙ୍କ କହିବା ଅନୁଯାୟୀ ଏହି ନଦୀ ସଂଯୋଗ ଜରିଆରେ ପ୍ରତି ଏକ ସେକେଣ୍ଡରେ ୧୫୦୦ ଘନମିଟର ପାଣି ବଡ଼ ବଡ଼ ନଦୀମାନଙ୍କରୁ ଛଡ଼ାଯିବ । ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ ଓ ଗୋଦାବରୀର ବନ୍ୟା ସମୟରେ ଏକ ସେକେଣ୍ଡରେ ୩୦ ହଜାର ଘନମିଟର ପାଣି ବହୁଛି । ତାହାହେଲେ ବନ୍ୟା ନିୟନ୍ତ୍ରଣ ହେବ କିପରି ବୋଲି ସମ୍ପାଦକୀୟରେ ପ୍ରଶ୍ନ କରାଯାଇଛି ।

ବିଶେଷଜ୍ଞମାନଙ୍କ ମତ

ପଶ୍ଚିମବଙ୍ଗର କେତେକ ବୈଜ୍ଞାନିକଙ୍କ ତରଫରୁ ସମର ବାଗ୍‌ଚି ଓ କଲ୍ୟାଣ ରୁଦ୍ର ସରକାରଙ୍କ ପାଖରେ ଏହି ପ୍ରକଳ୍ପକୁ ନେଇ ପରିବେଶଗତ, ଆର୍ଥିକ, ବିସ୍ଥାପିତ ସମ୍ବନ୍ଧୀୟ ପ୍ରଶ୍ନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ନଦୀ ବ୍ୟବସ୍ଥା ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବ ଏବଂ ପରିବେଶଗତ ବିପର୍ଯ୍ୟୟ ନିଶ୍ଚିତଭାବେ ଆସିବ ବୋଲି ସତର୍କ କରାଇ ଦେଇଛନ୍ତି ।

ଦିଲ୍ଲୀର ଜେଏନୟୁରେ ଗତମାର୍ଚ୍ଚ ୩୧ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ନଦୀ ସଂଯୋଗ ଯୋଜନା ସହ ସ୍ୱଚ୍ଛ ଜଳ କର୍ମଶାଳାରେ ଅଧିକାଂଶ ବକ୍ତା ଏହାକୁ ବିରୋଧ କରିଥିଲେ । ବିରୋଧ କରିଥିବା ଜେଏନୟୁ, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ, କାନପୁରର ଆଇଆଇଟି, ପଞ୍ଜାବ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ କହିଲେ ଯେ, ଏହି ଯୋଜନା ପାଇଁ ଦିଆଯାଉଥିବା ପରିସଂଖ୍ୟାନ ଯଥେଷ୍ଟ ନୁହଁ ଏବଂ ଏଥିରେ ସ୍ୱଚ୍ଛତା ନାହିଁ । ଏହି କର୍ମଶାଳା ଟାସ୍କଫୋର୍ସର ଅଧକ୍ଷ ସୁରେଶ ପ୍ରଭୁଙ୍କ ଅନୁରୋଧ କ୍ରମେ କରାଯାଇଥିଲା । ଜେଏନୟୁର ପରିବେଶ ବିଜ୍ଞାନ ସ୍କୁଲର ପ୍ରଫେସର ଭି. ସୁବ୍ରମଣ୍ୟମ କର୍ମଶାଳାର ଉଦ୍‌ଯାପନ ଭାଷଣରେ କହିଲେ ଯେ କେହି ଜଣେ ବି ଏହି ନଦୀ ସଂଯୋଗ ଯୋଜନାକୁ ସମର୍ଥନ କଲେ ନାହିଁ ।

ପ୍ରଫେସର ରାଜମଣି ସରକାର ସତ୍ୟ ତଥ୍ୟ ଲୋକଙ୍କୁ ଜଣାଉ ନାହାନ୍ତି ବୋଲି ଅଭିଯୋଗ କରି କହିଲେ ଯେ କୌଣସି ନଦୀର ତଳ ଅଞ୍ଚଳକୁ ଚାଲିଗଲେ ପାଣି ନଥାଏ । ପ୍ରଫେସର ଭି. ରବି କହିଲେ ଯେ ନଦୀ ସଂଯୋଗ ଦ୍ୱାରା ନଦୀ ମାନଙ୍କରେ ଥିବା ମାଛ ଓ ବିଭିନ୍ନ ପ୍ରଜାତି ମରିଯିବେ ।

Source : Dams, Rivers and people

Digitized by srujanika@gmail.com

ପରିଯୋଜନା ନଦୀ ଯୋଡ଼ିବା ପାଇଁ ନା ସମାପ୍ତ କରିବା ପାଇଁ ?

ନଦୀ ସଂଯୋଗ ନାମରେ କେନ୍ଦ୍ର ସରକାର ଯେପରି ଭାବରେ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ନୂଆ ସ୍ୱପ୍ନ ତିଆରି କରି ଚାଲିଛନ୍ତି ତାହା ଶୁଣିବାକୁ ଖୁବ୍ ଭଲ ଲାଗୁଛି ଓ ଆଶା ସୃଷ୍ଟି ହେଉଛି । ଉତ୍ତର ପୂର୍ବରୁ ଦକ୍ଷିଣକୁ ଅଧିକ ଜଳଥିବା ସ୍ଥାନରୁ ଜଳାଭାବ ରାଜ୍ୟମାନଙ୍କୁ ଜଳଯୋଗାଇବା, ବିଦ୍ୟୁତ୍ ଉତ୍ପାଦନ ଏବଂ ବନ୍ୟା ଓ ମରୁଡ଼ିର ନିରାକରଣ କରିବା ପାଇଁ ଯୁକ୍ତି ପଛରେ ବୈଜ୍ଞାନିକ ସତ୍ୟତା ଅଛିକି ନାହିଁ ଏପର୍ଯ୍ୟନ୍ତ ସେପରି କିଛି ରିପୋର୍ଟ ଟାସ୍କଫୋର୍ସ ପାଖରେ ନାହିଁ ବରଂ ଅତୀତରେ ଏପରି ପରିକଳ୍ପନା କରାଯାଇ ଏହା କାର୍ଯ୍ୟକାରିତା ଦୃଷ୍ଟିରୁ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଏହାକୁ ଶୀତଳ ଭଣ୍ଡାରରେ ପକାଇ ରଖାଯାଇଥିଲା । ସୁପ୍ରିମ କୋର୍ଟ ମଧ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିବା ନିର୍ଦ୍ଦେଶନାମା ନିର୍ଣ୍ଣୟ କେତିକି ବିବେକପୂର୍ଣ୍ଣ ତାହା ମଧ ପୁନଃବିଚାର ହେବା ଉଚିତ ।

ନଦୀମାନଙ୍କୁ ଯୋଡ଼ିବା ଅର୍ଥ ଅନେକ ନଦୀମାନଙ୍କ ଜଳକୁ ପରିବହନ କରିବା ପାଇଁ ନଦୀମାନଙ୍କ ଉପରେ ବଡ଼ ବଡ଼ ବନ୍ଧ, ବଡ଼ ବଡ଼ କେନାଲ ନିର୍ମାଣ ସହ ସମୁଦ୍ରକୁ ଯାଉଥିବା ଜଳକୁ ଅଟକାଇବା କାର୍ଯ୍ୟ । ଏହାଦ୍ୱାରା ସମୁଦ୍ର ଭିତରକୁ ମଧୁର ଜଳର ପ୍ରବେଶ ପରିମାଣ କମିଗଲେ ସେଥିର ପ୍ରାକୃତିକ ସନ୍ତୁଳନ ନଷ୍ଟ ହେବ ଏବଂ ଅନେକ ପ୍ରଜାତି ସବୁଦିନ ପାଇଁ ନଷ୍ଟ ହୋଇଯିବେ । ବିଭିନ୍ନ ମତ୍ସ୍ୟ ଉତ୍ପାଦନ ବାଧା ପ୍ରାପ୍ତ ହେବ । କୋଟି କୋଟି ମତ୍ସ୍ୟଜୀବୀ ଜୀବିକା ହରାଇବେ ।

ସମୁଦ୍ରକୁ ବର୍ଷାଦିନେ ବହୁଳ ପାଣି ଯିବାଦ୍ୱାରା ସାଥିରେ ବାଲି, ପଟୁ, ମାଟି ଧରିଯାଇଥାଏ । ଏହା ନଦୀକୂଳ ମାନଙ୍କର କୃଷି ପ୍ରତି ସହାୟକ ହୋଇଥାଏ ଓ ସମୁଦ୍ରତଟ ସୁରକ୍ଷିତ ରହିଥାଏ । ଏହାଦ୍ୱାରା ସମୁଦ୍ରର ଲହରୀ ଆଗକୁ ବଢ଼ିପାରେ ନାହିଁ । ସମୁଦ୍ର ଭିତରକୁ ମଧୁର ଜଳ ପ୍ରବାହ କମିଯିବା ଦ୍ୱାରା ନିମ୍ନଲିଖିତ ଅନୁଭୂତି ଦେଖାଦେଇଛି ।

ଘାନା ଦେଶର ବୋଲଟା ନଦୀକୁ ଓ କୋସୋମ୍ୱା ବଂଧ ଦ୍ୱାରା ଅଟକାଇ ଦିଆଯିବା ପରେ ସାଗର ତଟରେ ନଦୀଦ୍ୱାରା ବାଲିପଟୁ ମାଟି ପକାଇବା ବନ୍ଦ ହେବା ଦ୍ୱାରା ପ୍ରତିବର୍ଷ ୧୦ ରୁ ୧୫ ମିଟର ସାଗର ତଟ ଅତଡ଼ା ଖାଇଯାଏ ।

ଆମେରିକାରେ ମଧ ବଡ଼ ବଡ଼ ଜଳଭଣ୍ଡାର ନିର୍ମାଣ ଦ୍ୱାରା ନଦୀମାନଙ୍କ ଜଳ ପ୍ରବାହ ବନ୍ଦ ହୋଇଯିବା ପରେ କାଲିଫର୍ଣ୍ଣିଆର ସାଗର କୂଳରେ ନଦୀମାନଙ୍କ ଦ୍ୱାରା ଆସୁଥିବା ବିଭିନ୍ନ ମାଟି ବାଲି ଆସିବା କମ ହୋଇଗଲା । ତେଣୁ ସମୁଦ୍ରତଟ ନଷ୍ଟ ହୋଇଯିବାରୁ କୋଟି କୋଟି ଡ଼ଲାର କ୍ଷତି ହୋଇଛି ।

Digitized by srujanika@gmail.com

ଜଳଭଣ୍ଡାର ନିର୍ମାଣ ଓ ନଦୀମାନଙ୍କର ଜଳର ଗତିକୁ ବଦଳାଇବା ଦ୍ୱାରା କାସ୍ପିୟାନ ସାଗର, କୃଷ୍ଣ ସାଗର ଏବଂ ଆରବ ସାଗରରେ ନଦୀମାନଙ୍କ ଦ୍ୱାରା ଆସୁଥିବା ଜଳର ପରିମାଣ ୫୦% ରୁ ୭୦% କମିଯିବା ଦ୍ୱାରା ମାଛ ଉତ୍ପାଦନ ଓ ବ୍ୟବସାୟରେ ମଧ୍ୟ ୯୦% କମ ହୋଇଯାଇଛି । ୧୯୭୭ ରୁ ୧୯୮୭ ମଧ୍ୟରେ ଏଥିରେ ୩୫୦୦ କୋଟି ଡ଼ଲାର କ୍ଷତି ହୋଇଛି ।

ସିନ୍ଧୁ ନଦୀ ଓ ଏହାର ସହଯୋଗୀମାନଙ୍କ ଜଳର ଦିଗ ଭାରତ ଓ ପାକିସ୍ଥାନ ଦ୍ୱାରା ବିଭିନ୍ନ ସମୟରେ ବଦଳୁଥିବାରୁ ଆରବ ସାଗରରେ ୮୦% ପ୍ରତିଶତ ପାଣି କମିଯାଉଛି । ଏହାଦ୍ୱାରା ସମୁଦ୍ରତଟ ଲୁଣା ଜଙ୍ଗଲ ମଧ୍ୟ ବାଧାପ୍ରାପ୍ତ ହେଉଛି ।

ନଦୀ ସଂଯୋଗ ଯୋଜନା ଦ୍ୱାରା ଲକ୍ଷ ଲକ୍ଷ ଏକର ଜଙ୍ଗଲ ଓ କୃଷି ଜମି ପାଣିରେ ବୁଡ଼ିବ । ଏପର୍ଯ୍ୟନ୍ତ ଦେଶରେ ୪୫ ଲକ୍ଷ ହେକ୍ଟର ଜମି ଜଙ୍ଗଲ ବୁଡ଼ି ସାରିଲାଣି । ଜଙ୍ଗଲ ଧ୍ୱଂସ ହେଲାପରେ ବନ୍ୟଜନ୍ତୁ ମଣିଷ ଉପରେ ଆକ୍ରମଣ କରିବା ସ୍ୱାଭାବିକ ଓ ବନ୍ୟଜନ୍ତୁ ଦ୍ୱାରା କୃଷି ଫସଲ ମଧ୍ୟ ନଷ୍ଟ ହୋଇଯାଉଛି । ଜୈବ ବିବିଧତା ମଧ୍ୟ ନଷ୍ଟ ହେଉଛି । ଲକ୍ଷ ଲକ୍ଷ ସାଧାରଣ ଜନତା ବିସ୍ଥାପିତ ହେବେ ଏବଂ ଜୀବିକା ହରାଇବେ । ନଦୀ ସଂଯୋଗ ଯୋଜନାକୁ ବାସ୍ତବିକ ଦୃଷ୍ଟିରୁ ଦେଖିଲେ ନଦୀ ଯୋଡିବା ବଦଳରେ ନଦୀମାନଙ୍କ ସମାପ୍ତ ପାଇଁ ଏକ ଚକ୍ରାନ୍ତ ବୋଲି ଜଣାଯାଉଛି ।

ଆଶିଷ କୋଠାରୀ ଓ ବାବୁ କୋହଲୀ (ବିଶିଷ୍ଟ ପରିବେଶବିତ୍‌ଦ୍ୱୟ)

Digitized by srujanika@gmail.com

ଜଳ ପ୍ରକୃତିର ଦାନ :

ନଦୀମାନଙ୍କୁ ପରସ୍ପର ସଂଯୋଗ କରିବା ପଛରେ

ଡ. ବନ୍ଦନା ଶିଟ

'ବିନ୍ଦୁ ବିନ୍ଦୁ ଜଳର ମିଶ୍ରଣରେ ପ୍ରକାଣ୍ଡ ସାଗର । ଜଳ, ଜଳ, ସବୁଠି ଜଳ, କିନ୍ତୁ ପିଇବା ପାଇଁ ନାହିଁ ଟୋପାଏ''

ଉପରୋକ୍ତ ପ୍ରଚଳିତ କଥନର ମହତ୍ୱ ମାନବିକ ଜୀବନର ଉପଯୋଗିତା ଦର୍ଶାଉଛି । ପୃଥିବୀର ଧରାତଳେ ୭୧ ଭାଗ ପାଣି ଅଛି । କିନ୍ତୁ ମାତ୍ର ଅତି କ୍ଷୁଦ୍ର ଅଂଶ ମଣିଷର ଆବଶ୍ୟକତା ପାଇଁ ଉପଲବ୍ଧ ହୋଇପାରୁଛି । ଏଥିମଧ୍ୟରୁ ଅନେକାଂଶ ପ୍ରଦୂଷିତ ହୋଇଥିବାବେଳେ ଏହାର ପରିମାଣ ମଧ୍ୟ କମି କମି ଯାଉଛି । ତେଣୁ ସ୍ୱଚ୍ଛପାଣିକୁ କେନ୍ଦ୍ରକରି ସଂଘର୍ଷ ସାଧାରଣ ଘଟଣା ହୋଇଗଲାଣି । ଭାରତରେ ସଂଘର୍ଷର ଦୁଇଟି ପ୍ରମୁଖ କାରଣ । ଗୋଟିଏ ପାଣିକୁ କେନ୍ଦ୍ରକରି, ଅନ୍ୟଟି ଧର୍ମ ।

ଜଳର ଅସଲ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ରାଜନୈତିକ ସ୍ତରରେ ରାଜନୀତିଜ୍ଞମାନେ ଲୋକଙ୍କୁ ସ୍ୱପ୍ନ ଦେଖାଇବା ପାଇଁ ନଦୀ ସଂଯୋଗ ଯୋଜନା ପରି ଏକ ଅବାସ୍ତବ ପରିକଳ୍ପନାକୁ ଜାତୀୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଭିଯାନ ଚଳାଇଛନ୍ତି । ଏହା ସପକ୍ଷରେ କୁହାଯାଉଛି ୧) ନଦୀଗୁଡ଼ିକୁ ଯୋଡ଼ିଦେଲେ ମରୁଡ଼ି ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ । ପ୍ରାୟ ୧୫ କୋଟି ହେକ୍ଟର ଜମିରେ ଜଳସେଚିତ ହୋଇପାରିବ । ୨) ଗଙ୍ଗା ଓ ବ୍ରହ୍ମପୁତ୍ର ପରି ନଦୀମାନଙ୍କ ବନ୍ୟା ନିୟନ୍ତ୍ରଣ ହୋଇପାରିବ । ୩) ଏହି ଯୋଜନାରୁ ଜଳ ବିଦ୍ୟୁତ ୩୪୦୦୦ ମେଗାୱାଟ ଉତ୍ପାଦନ ହୋଇପାରିବ । ମରୁଡ଼ି ଓ ବନ୍ୟାରୁ ମୁକ୍ତି ପାଇବା ପାଇଁ ଶହେ ବର୍ଷ ତଳେ ଏହି ପ୍ରକାର ପ୍ରସ୍ତାବ ସାର୍ ଆର୍ଥରକାଟନ ଦେଇଥିଲେ । ୧୯୭୨ରେ ଇନ୍ଦିରାଗାନ୍ଧିଙ୍କ ସରକାରର ମନ୍ତ୍ରୀ ଇଂ. କେ.ଏଲ୍.ରାଓ ପୁଣି ଦୋହରାଇଥିଲେ । ୧୯୭୮ ରେ ଏପରି ପ୍ରସ୍ତାବ ପାଇଲଟ କ୍ୟାପ୍ଟେନ ଡି.ଜେ. ଦସ୍ତୁର 'ଫୁଲମାଳ କେନାଲ' ନାମରେ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏସବୁ ପରିକଳ୍ପନାର ବାସ୍ତବତା ଅତି କ୍ଷୀଣ ଏବଂ ଏହା ସହ ଜଡ଼ିତ ଅନେକ ପ୍ରଶ୍ନର ଉତ୍ତର ଅସମ୍ଭବ । ଅତୀତରେ ଅନେକ ବିଶେଷଜ୍ଞମାନଙ୍କ ବୈଷୟିକ ସମିତି ଏପରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି ।

ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଭାଷଣ ଓ ସୁପ୍ରିମକୋର୍ଟଙ୍କ ପରାମର୍ଶକୁ କେନ୍ଦ୍ରକରି କେନ୍ଦ୍ର ଜଳ ବିକାଶ ଏଜେନ୍ସି ପୁରା ଯୋଜନାକୁ ହିମାଳୟ ସହ ଯୋଡ଼ା ଅଂଶ ସହ ୧୨ଟି ନଦୀ ଏବଂ ଅନ୍ୟଟି ଉପକୂଳ ଦ୍ୱୀପ ଜଡ଼ିତ, ୧୬ଟି ନଦୀ ସଂଯୋଗ ଏପରି ଦୁଇଟି ଭାଗରେ ବିଭକ୍ତ କରିଛି । ପ୍ରଥମଟିରେ ୩୭୫୦୦୦ କୋଟି ଓ ୨ୟଟିରେ ୧୮୫୦୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ଏହି ଅର୍ଥ ବରାଦ ଏକ ଅସମ୍ଭବ ବିଚାର ବୋଲି ଅର୍ଥନୈତିଜ୍ଞମାନେ ମତଦେଲାବେଳେ ଏପରି ଯୋଜନାର ବୈଷୟିକ କ୍ଷମତା, ପରିବେଶ ସଂରକ୍ଷଣ ଓ ଏହାର କ୍ଷୟକ୍ଷତି ପର ପରିଣାମ ପ୍ରଶ୍ନବାଚୀ ହୋଇଯାଇଛି ।

Digitized by srujanika@gmail.com

୧୫୦ ବର୍ଷ ତଳେ ଗଙ୍ଗା ଯେପରି ଥିଲା ଆଜି ତାହା ନାହିଁ । ଗଙ୍ଗାରେ ଜଳ କମିଗଲାଣି, ଗଙ୍ଗା କୂଳେ କୂଳେ ବିଭିନ୍ନ ସମସ୍ୟା ଦ୍ୱାରା ନଦୀ ପ୍ରତି ବିପଦ ସୃଷ୍ଟି ହୋଇଛି । ନଦୀର ଉତ୍ପତ୍ତିସ୍ଥଳ କ୍ରମଶଃ ଶୁଖିଯାଉଛି । ଗତ ୧୦୦ ବର୍ଷ ମଧ୍ୟରେ ଗଙ୍ଗୋତ୍ରୀର ଗ୍ଲେସିୟର ୧୪ କିଲୋମିଟର କମିଯାଇଛି । ଏହି ଗ୍ଲେସିୟରରୁ ବରଫ ତରଳି ପାଣି ଗଙ୍ଗାରେ ଆସିଥାଏ ।

ଜଳସେଚନ, ପିଇବା ପାଣି ଓ ସହରର ଆବଶ୍ୟକତା ଦୃଷ୍ଟିରୁ ଗଙ୍ଗା ଜଳର ବ୍ୟବହାର ବୃଦ୍ଧିପାଉଛି । ପୁଣି ପାଟଣା ପାଖରେ ଗଙ୍ଗାଜଳର ଅର୍ଦ୍ଧେକ ନେପାଳରୁ ଆସୁଛି । ତେଣୁ ନେପାଳର ଯେବେ ଜଳ ବିଦ୍ୟୁତ ପାଇଁ ଯୋଜନା ହେବ ସେତେବେଳେ ଗଙ୍ଗାର ଜଳ କମିବାରେ ଲାଗିବ ।

ଏହିପରି ଅନ୍ୟ ନଦୀମାନଙ୍କର ମଧ୍ୟ ସମସ୍ୟା ରହିଛି । ବ୍ରହ୍ମପୁତ୍ର, ମହାନଦୀ ଓ ଗୋଦାବରୀରେ ମଧ୍ୟ ବଳକା ପାଣି ଅଛି ବୋଲି ଯାହା କୁହାଯାଉଛି ତାହାର ସତ୍ୟତା ନାହିଁ । ଏହି ଯୋଜନାରେ ୨୦୦ ବଡ଼ ବଡ଼ ଜଳଭଣ୍ଡାର ନିର୍ମାଣ ହେବ ଯାହାଦ୍ୱାରା ପରିବେଶ ଧ୍ୱଂସ ହେବ । ଏହାଦ୍ୱାରା କୋଟିକୋଟି ପରିବାର ବିସ୍ଥାପିତ ହେବା ସହ ଜୀବିକା ହରାଇବେ ଓ ବନ୍ୟପ୍ରାଣୀମାନଙ୍କ ଅବସ୍ଥିତ ମଧ୍ୟ ଅସମ୍ଭବ ହୋଇପଡ଼ିବ ।

ମୌସୁମୀ ବେଳରେ ନଦୀମାନଙ୍କରେ ବଡ଼ ବନ୍ୟା ଆସେ । ପ୍ରତି ସେକେଣ୍ଡରେ ପ୍ରାୟ ୩୦୦୦୦ ରୁ ୬୦୦୦୦ ଘନମିଟର ଜଳ ନଦୀମାନଙ୍କର ବହେ ବୋଲି ଅନୁମାନ କରାଯାଉଛି । ଏହି ପାଣିକୁ ନେଇ ଦକ୍ଷିଣ, ପଶ୍ଚିମ ଓ ମଧ୍ୟଭାରତକୁ ନେଇ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ପାଣିର ଅଭାବ ଦୂରକରିବା ଓ ଜଳସେଚନ କରିବା ବିଚାର ଖୁବ୍ ଆକର୍ଷଣୀୟ ହେଉଛି । କିନ୍ତୁ ବାସ୍ତବତା ହେଉଛି ଯେ ଏହି ନଦୀ ସଂଯୋଗ ଯୋଜନା ଜରିଆରେ ପ୍ରତି ସେକେଣ୍ଡରେ ମାତ୍ର ୧୫୦୦ ଘନମିଟର ଜଳକୁ ବ୍ୟବହାର କରାଯାଇପାରିବ । ତାହାହେଲେ ବନ୍ୟା ହ୍ରାସ ହେବ କି ? ନା ପ୍ରକୃତ ଅଭାବ ଦୂର ହୋଇପାରିବ ?

ନଦୀଗୁଡିକର ପ୍ରାକୃତିକ ସ୍ଥିତିକୁ ବଦଳାଇ ଦେଇ ଅନ୍ୟଦିଗକୁ ନେବା ଉଦ୍ୟମ ଆରମ୍ଭରେ ଖୁବ୍ ଲୋଭନୀୟ ହୋଇପାରେ । କିନ୍ତୁ ପ୍ରକୃତି ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ଜାରିକଲେ ପ୍ରକୃତି ମଧ୍ୟ ତାର ରୂପ ଦେଖାଏ । ଆମେରିକାର ୧୯୯୯ରୁ ୨୦୦୨ ମଧ୍ୟରେ ୧୦୦ ରୁ ଅଧିକ ଜଳଭଣ୍ଡାର ହଟାଇବାକୁ ପଡିଲା । କାରଣ ଅନେକ ନଦୀ ଶୁଖିଗଲା । ଆମେରିକାର ଦକ୍ଷିଣ ପଶ୍ଚିମ ଭାଗରେ ଅବସ୍ଥିତ କୋଲୋରାଡୋ ନଦୀକୁ ପୁନର୍ଜୀବିତ କରିବା ପାଇଁ ଚେଷ୍ଟା ଚାଲିଛି ଯେହେତୁ ସମୁଦ୍ରକୁ ପାଣି ପହଞ୍ଚିବା ପୂର୍ବରୁ ଶୁଖି ଯାଉଛି । ଏପରି ନଦୀକୁ ବଞ୍ଚାଇବା ପାଇଁ ସେଠାରେ ୮୦୦ କୋଟି ଡଲାର ଯୋଜନା ପ୍ରସ୍ତୁତ ହୋଇଛି । ସ୍ପେନରେ ଏବରୋ ନଦୀର ପାଣିକୁ ଅନ୍ୟତ୍ର ନେବା ପ୍ରସ୍ତାବରେ ଜନ ଆନ୍ଦୋଳନ ଯୋଗୁଁ ବନ୍ଦ ରହିଛି ।

ଆର୍ଥିକ ବ୍ୟବସ୍ଥା :

ପ୍ରଥମେ ଏହି ଜାତୀୟ ନଦୀ ସଂଯୋଗ ଯୋଜନା ପାଇଁ ୧୧୨୦୦ କୋଟି ଡ଼ଲାର ଅର୍ଥ ୫,୬୦୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଅଟକଳ ଯାଇଥିବାବେଳେ ଟାସ୍କଫୋର୍ସର

Digitized by srujanika@gmail.com

ଅଧ୍ୟକ୍ଷ ସୁରେଶ ପ୍ରଭୁ ଏହା ୨୦୦୦୦ କୋଟି ଡ଼ଲାର ଅର୍ଥ ୧୦,୦୦୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି କହିଲେଣି। ଏଥିପାଇଁ ଘରୋଇ କଂପାନୀମାନଙ୍କୁ ସାମିଲ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଅଟକଳ ରାଷ୍ଟ୍ରୀୟ ଘରୋଇ ଉତ୍ପାଦନର ୨୫% ଏବଂ ସମଗ୍ର ଟିକସରୁ ମିଳିବା ଆୟର ଅଢ଼େଇଗୁଣ ଓ ମୋଟ ବିଦେଶୀ ମୁଦ୍ରା ଭଣ୍ଡାର ଦୁଇଗୁଣ । ତେଣୁ ଏହି ବ୍ୟୟପାଇଁ ବିଦେଶରୁ କରଜ କଲେ ସାଧାରଣ ଲୋକଙ୍କ ଉପରେ ଋଣବୋଝ ପଡିବ । ଉକ୍ତ ଋଣ ଉପରେ ବାର୍ଷିକ ୨୦,୦୦୦ ରୁ ୩୦,୦୦୦ କୋଟି ଟଙ୍କା ସୁଧ ଦେବାକୁ ପଡିବ । ଏତେ ବଡ଼ ଋଣ ଯେଉଁଠୁ ଆସିବ ସେହି ବିଦେଶୀ ସଂସ୍ଥା ଓ ଘରୋଇ କଂପାନୀମାନେ ଆମ ଦେଶର ଆର୍ଥିକ କ୍ଷେତ୍ରରେ ପ୍ରଭୁତ୍ୱ ବିସ୍ତାର କରିବେ ଓ ସେଥିପାଇଁ ଆମକୁ ମୁଣ୍ଡ ନୁଆଁଇବାକୁ ପଡିବ । ଦେଶର ସମସ୍ତ ଜଳ ସଂପଦ ବିଦେଶୀ କଂପାନିମାନଙ୍କ ପରିଚାଳନା ଓ ନିୟନ୍ତ୍ରଣରେ ରହିବାକୁ ବାଧ୍ୟ ହେବ । ଜଳର ଘରୋଇକରଣ ପାଇଁ ଏହି ପରିଯୋଜନା ବାଟ ଖୋଲିଦେବ ।

୨୦୦୧ ସାଲରେ ୱାରଲଡ୍ ୱାଟର ଫୋରମ (ବିଶ୍ୱ ପାଣି ମଞ୍ଚ) ଜଳ ବ୍ୟବସାୟର ବହୁରାଷ୍ଟ୍ରୀୟ କଂପାନିମାନଙ୍କ ମୁନାଫା ପାଇଁ ଜାତିସଂଘ ଉପରେ ପ୍ରଭାବ ବିସ୍ତାର କରି ଜଳକୁ ''ମାନବୀୟ ଆବଶ୍ୟକତା''ରେ ପରିଭାଷିତ କରି ଜଳକୁ ଏକ ବଜାର ବସ୍ତୁ ରୂପେ ପରିଗଣିତ କରିଛି । କିନ୍ତୁ ମାନବିକ ଅଧିକାର ରୂପେ ଏହାକୁ ଗ୍ରହଣ କରାଯାଉନାହିଁ । ଜଳ ଏକ ପ୍ରକୃତିର ଦାନ । ଜଳ ଉପରେ ସମସ୍ତଙ୍କର ସମାନ ଅଧିକାର ରହିବା ଉଚିତ । ଏହାକୁ ବ୍ୟବସାୟିକ ବସ୍ତୁ କରାଯାଇ ନପାରେ ।

୧୯୯୮ରେ ବିଶ୍ୱବ୍ୟାଙ୍କର ହିସାବ ଅନୁଯାୟୀ ଏକବିଂଶ ଶତାବ୍ଦୀର ପ୍ରଥମ ୧୦ ବର୍ଷ ମଧ୍ୟରେ ଜଳ ବ୍ୟବସାୟ ପ୍ରାୟ ୮୦୦୦୦ କୋଟି ଡ଼ଲାର ଅର୍ଥାତ ୪୦୦୦୦୦୦ କୋଟି ଟଙ୍କାର ହେବ । ତେଣୁ ନଦୀ ସଂଯୋଗ ଯୋଜନା ମଧ୍ୟ ଏହି ବ୍ୟବସାୟର ଏକ ଅଂଶ ପବନ ପରି ପାଣି ମଧ୍ୟ ଏକ ମୁକ୍ତ ସମ୍ବଳ ଥିଲା ଯାହା ଉପରେ କେହି କେବେ ବ୍ୟକ୍ତିଗତ ସଂପଦ ରୂପେ ମାଲିକାନାତ୍ୱ ଜାହିର କରି ପାରୁନଥିଲା । ବର୍ତ୍ତମାନ କେଉଁ ନଦୀକୁ ଲିଜ୍ ଦିଆଗଲାଣି ତ କେଉଁଠି ଜଳଯୋଗାଣ ନାମରେ ଘରୋଇ କଂପାନି ହାତରେ ଜଳକୁ ବିକାଗଲାଣି । ଏହି ପରିସ୍ଥିତିରେ ନଦୀ ସଂଯୋଗ ଯୋଜନା ବିଦେଶୀ ସାହୁକାରମାନଙ୍କ ହାତରେ ପରିଚାଳିତ ହେଲାପରେ ସାଧାରଣ ନାଗରିକଙ୍କର ପାଣି ଉପରେ ଅଧିକାର ରହିବ ନାହିଁ ।

ଇଂଜିନିୟରମାନଙ୍କ ଲମ୍ବାଚୌଡ଼ା ମହତ୍ ଆକାଂକ୍ଷା ଏବଂ ଅମଲାତନ୍ତ୍ର ତଥା ଠିକାଦାରମାନଙ୍କ ମିଳିତ ଗୋଷ୍ଠିର ଚକ୍ରାନ୍ତରେ ପାଣିର ସୁରକ୍ଷା ସ୍ୱପ୍ନ ଦେଖାଇ ଲୋକଙ୍କୁ ଲୋଭଗ୍ରସ୍ତ କରାଯିବ ଏହି ଯୋଜନା ସପକ୍ଷରେ । ଏହି ଯୋଜନାର ଶେଷବେଳକୁ ଜଳର ଘରୋଇକରଣ ଅନିବାର୍ଯ୍ୟ ହୋଇ ପଡିଥିବ । ସେଥିରୁ ରକ୍ଷା ପାଇବା ଅସମ୍ଭବ ହୋଇପଡ଼ିବ । ଏପରି ଏକ ଅବାସ୍ତବ ପରିକଳ୍ପନା ପ୍ରତି ଆଖି ବୁଜି ନୀରବ ରହିଗଲେ ଭବିଷ୍ୟତରେ ସମସ୍ତଙ୍କ ପାଇଁ ବିପଦ ହେବ । ଏଥିପାଇଁ ସତର୍କ ରହି ଏହାର ବିରୋଧ ଏକାନ୍ତ ଜରୁରୀ ।

Digitized by srujanika@gmail.com

ନଦୀ ଅନ୍ତ ସଂଯୋଗ ମରୀଚିକା

ମେଧା ପାଟକର ଓ ଏଲ.ଏସ୍. ଅରବିନ୍ଦ

ଦେଶରେ ନଦୀକୁ ନଦୀ ଯୋଡ଼ି ଦେବା ଖବର କେତେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବା ବେଳେ ଆଉ କେତେକଙ୍କ ପାଇଁ ସ୍ୱପ୍ନର ରାଜ୍ୟ ତିଆରି କରିଛି । ଏହି ସପ୍ନକୁ ସଂପ୍ରସାରିତ କରି ଜନମତକୁ ପ୍ରଭାବିତ କରିବା ପଛରେ ମୁଖ୍ୟ କାରଣ ହେଉଛି ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ଓ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ବର୍ତ୍ତମାନ ଅବସରପ୍ରାପ୍ତ) ବି.ଏନ୍. କ୍ରିପାଲଙ୍କ ଭୂମିକା । ମରୁଡ଼ି ଓ ବନ୍ୟାର ପ୍ରତିକାର କରିବା ପାଇଁ ପଡ଼ି ରହିଥିବା ଏକ ସପ୍ନିଳ ପରିଯୋଜନାକୁ ଜାତୀୟ ସ୍ତରରେ କାର୍ଯ୍ୟକାରୀ କରାଇବା ପାଇଁ ରାଷ୍ଟ୍ରପତିଙ୍କ ଭାଷଣକୁ କେନ୍ଦ୍ରକରି ଏକ ଜନ ହିତକାରୀ ମାମଲାର ଶୁଣାଣି ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିଲା ନଦୀ ସଂଯୋଗ ୧୦ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବାକୁ । ସାଧାରଣ ଜନତାଙ୍କ ବିଶ୍ୱାସ ରହିଛି ସର୍ବୋଚ୍ଚ ନ୍ୟାୟାଳୟର ରାୟ ବିବେକପୂର୍ଣ୍ଣ, ସାଂବିଧାନିକ ଓ ଆଇନଗତ । କିନ୍ତୁ ଥରେ ଯଦି ଭୁଲ ବୁଝାମଣାରେ ଏପରି ଧାରଣା ରହିଯାଏ, ତାହାହେଲେ କୌଣସି ପ୍ରକଳ୍ପର ବୈଜ୍ଞାନିକ ମୂଲ୍ୟାୟନ ଓ ନିଷ୍ପତ୍ତିର ଗଣତାନ୍ତ୍ରିକ ସମୀକ୍ଷା ହୋଇପାରିବ ନାହିଁ ।

ପ୍ରକୃତିଦ୍ୱାରା ସୃଷ୍ଟି ନଦୀରେ ମଣିଷର ହସ୍ତକ୍ଷେପ ଅତି ସାଂଘାତିକ ସ୍ଥିତି ସୃଷ୍ଟି କରିବ । କାବେରୀ ନଦୀର ତଳଭାଗରେ କେତେ ପାଣି ବହିବ କି ନାହିଁ ତାକୁ କେନ୍ଦ୍ରକରି ସମସ୍ତ ନଦୀଗୁଡ଼ିକୁ ଯୋଡ଼ିଦେବା ଏକ ଅସମ୍ଭବ ପରିକଳ୍ପନା । କିନ୍ତୁ ଦେଶର ସର୍ବୋଚ୍ଚ କର୍ତ୍ତୃପକ୍ଷ ମାନଙ୍କର ଏକ ପାଖିଆ ମତ ଶୁଣିବା ପରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟର ଲାଭ ଓ କ୍ଷତି ସଂକ୍ରାନ୍ତରେ ବିତର୍କ ହେବା ସମ୍ଭବପର ହେଉନାହିଁ ।

ଅନ୍ତ-ନଦୀ ଶର୍ଯ୍ୟା ପରିଚାଳନା ଓ ଜଳ ଯୋଜନା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଇନକୁ ନେଇ ଆଲୋଚିତ ହୁଏ । ନଦୀରୁ ନଦୀକୁ ଜଳ ସ୍ଥାନାନ୍ତର ବ୍ରିଟିଶ ଜଳ କମିସନ ଅମଳରୁ ସମାଲୋଚିତ ହୋଇଆସିଛି ଏବଂ ସ୍ୱାଧୀନ୍ ଭାରତରେ କେପ୍ଟେନ ଦସ୍ତୁରଙ୍କ 'ଗାର୍ଲଲ୍ୟାଣ୍ଡ କେନାଲ' ପରିଯୋଜନା ପ୍ରତ୍ୟାଖ୍ୟାତ ହୋଇଛି । ଏପରିକି ୧୯୯୦ ଦଶକରେ ମଧ୍ୟ ତତ୍‌କାଳୀନ ଜଳସଂପଦ ସଚିବ ଏମ୍.ଏସ୍. ରେଡି ଓ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ କେନ୍ଦ୍ର ସରକାର ନଦୀ ସଂଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଆମ ଅନୁଭୂତିରୁ ଶିକ୍ଷା ପାଇଛୁ ଯେ - ପ୍ରତ୍ୟେକ ନଦୀ ଅଞ୍ଚଳର ସ୍ୱତନ୍ତ୍ରଭାବେ ଭୌଗୋଳିକ ସ୍ଥିତି, ଜଳଧାରଣର ପ୍ରକ୍ରିୟା ଜଳର ପରିମାଣ, କେନାଲ ବ୍ୟବସ୍ଥା ପରିବେଶଗତ ପ୍ରଭାବ, ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ସମସ୍ତ ଦିଗକୁ ଅନୁଧ୍ୟାନ କରିବା ଏକାନ୍ତ ଜରୁରୀ । ୧୯୮୩ର ନଦୀ ଉପତ୍ୟକା ନିୟମାବଳୀ ଅନୁଯାୟୀ ଜଳର ପରିମାଣ ସହ ପରିବେଶ ଜନିତ ସମସ୍ୟା ଓ ଜନସାଧାରଣକୁ କେନ୍ଦ୍ରକରି ସମସ୍ତ ସମସ୍ୟାର ସର୍ବେକ୍ଷଣ ହେବାକୁ ବାଧ୍ୟ । ଏହିସବୁକୁ ଅବହେଳା କଲେ ଯୋଜନାର କିଛି ଅର୍ଥ ରହିବ ନାହିଁ ।

Digitized by srujanika@gmail.com

ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

ଏହି ଯୋଜନା ଦ୍ୱାରା ଜଳକୁ କିପରି ଅନ୍ୟତ୍ର ନେଇ ହେବ ? ଜଳ ଊର୍ଦ୍ଧ୍ୱରୁ ନିମ୍ନକୁ ବହିବ । କିନ୍ତୁ ନିମ୍ନରୁ ଊର୍ଦ୍ଧ୍ୱକୁ ଯିବାକୁ ହେଲେ ଜଳଦ୍ୱାରା ପାଣିକୁ ଉଠାଇବାକୁ ହେବ । ସେଥିପାଇଁ ପୁଣି ହଜାର ହଜାର ମେଗାୱାଟ ବିଦ୍ୟୁତ ଦରକାର । ତାହାର ପରିମାଣ କେତେ ? ପୁଣି ସମୁଦ୍ରକୁ ଯିବା ଜଳ ଯଦି ଅନ୍ୟତ୍ର ନିଆଯାଏ ସାମୁଦ୍ରିକ ପରିବେଶ ଉପରେ ତାର ପ୍ରଭାବ କ'ଣ ଓ ମତ୍ସ୍ୟଜୀବୀମାନଙ୍କ ଜୀବିକା ଉପରେ କି ପ୍ରଭାବ ପଡ଼ିବ ତା'ର ଅଧ୍ୟୟନ ଓ ପରିଣାମ ସଂକ୍ରାନ୍ତରେ କୌଣସି ସଠିକ୍ ଉତ୍ତର ଆମପାଖରେ ଏପର୍ଯ୍ୟନ୍ତ ନାହିଁ ।

ଆମ ଜାତୀୟ ରାଜପଥଗୁଡ଼ିକ ଯେପରି ପ୍ରଦୂଷିତ ଧୂଆଁର କରଭେରବେଲ୍ସ ହୋଇଯାଇଛି ସେହିପରି ନଦୀସଂଯୋଗ କେନାଲଗୁଡ଼ିକ କେବଳ ଦେଶର ଏକ ଖୋଲା ଆବର୍ଜନା ନାଳ ପରି ରହିବେ । ଏହାଦ୍ୱାରା ଉତ୍ତର ଭାରତର ବନ୍ୟାକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ । ବରଂ ଏହି ଯୋଜନାରେ ବଡ଼ ବଡ଼ ଜଳ ଭଣ୍ଡାର ଓ କେନାଲ ଉର୍ବର ଜମିକୁ, ଜଙ୍ଗଲ ସବୁଦିନ ପାଇଁ ବୁଡ଼ାଇ ଦେବ ଓ ଲକ୍ଷ ଲକ୍ଷ ଲୋକଙ୍କୁ ବାସଚ୍ୟୁତ କରିବ । ଆମ ଦେଶରେ ଅସମାପ୍ତ ଜଳଯୋଜନାକୁ ପରିପୂର୍ଣ୍ଣ କରିବା ପାଇଁ ୮୦ ହଜାର କୋଟି ଟଙ୍କାର ଆବଶ୍ୟକତା ଅଛି । ତାହା ଆମପାଇଁ ସମ୍ଭବପର ହୋଇ ପାରୁନଥିବାରୁ ବର୍ଷ ବର୍ଷ ଧରି ଅସମାପ୍ତ ଯୋଜନା ପଡିରହିଛି । ଏତିକିବେଳେ ୫ ଲକ୍ଷ ୬୦ ହଜାରରୁ ଅଧିକ ଟଙ୍କା ଆସିବ କେଉଁଠୁ ?

ଜଳ ସିମେଣ୍ଟ କିମ୍ବା କଂକ୍ରିଟ ନୁହଁ, ଏହା ଜୀବନ । ଏହାର ନ୍ୟାୟୋଚିତ ବଣ୍ଟନ, ପରିବେଶଗତ, ଆର୍ଥିକ ଓ ସାମାଜିକ ଦିଗଗୁଡ଼ିକ ଯୋଜନାର ମୁଖ୍ୟ ଅଂଶ ହେବା ଆବଶ୍ୟକ । ୭୩ତମ ସଂବିଧାନ ଅନୁଯାୟୀ ଓ ଆଦିବାସୀଙ୍କ ସ୍ୱୟଂଶାସନ ଆଇନ ଅନୁଯାୟୀ ଜନତାଙ୍କ ସମ୍ମତି ଅନିବାର୍ଯ୍ୟ । ନଦୀ ସହ କୋଟି କୋଟି ଲୋକଙ୍କ ସଂପର୍କ । ଏବଂ ଅନ୍ତର୍ଦେଶୀୟ ସଂସ୍ଥାମାନଙ୍କ ଭୂମିକା ମଧ୍ୟ ରହିଛି । ଯାହାକି ଆରମ୍ଭ କରିବା ପୂର୍ବରୁ ଦେଶର ଜନସାଧାରଣ ରାଷ୍ଟ୍ରପତି ଓ ମନ୍ତ୍ରୀମାନଙ୍କ ମାନସିକତା ଜାଣିବା ଉଚିତ । ଜଳକୁ ସଠିକ୍ ବ୍ୟବହାର ନ କରିବା ଏକ ଅପରାଧ । ଛତିଶଗଡ଼ର ଶିଓନାଥ ନଦୀ ଏକ ବ୍ୟବସାୟୀକ କଂପାନୀ ହାତରେ ଘରୋଇକରଣ ହୋଇ ସାରିଲାଣି । ଏହାଫଳରେ ଲୋକଙ୍କ ପିଇବା ପାଣିର ଅଧିକାର ଛିନ୍ନକରି ନିଆଯାଉଛି । ଯଦି ଏହି ନଦୀ ସଂଯୋଗ ଯୋଜନା ଘରୋଇ ଦେଶୀ-ବିଦେଶୀ ପୁଞ୍ଜିପତିଙ୍କ ଦ୍ୱାରା କରାଯିବ ତାହାହେଲେ ଆମର ଜାତୀୟ ଜଳ ସଂପଦକୁ ଖଣିଜ ସଂପଦ ପରି ଘରୋଇ କଂପାନି ଦ୍ୱାରା ଲୁଟକରଣ କରିବାକୁ ଦିଆଯିବ ।

ପ୍ରକୃତି ଭିତରେ ନଦୀମାନଙ୍କ ସଂଯୋଗ ହୋଇନାହିଁ । ବରଂ ଜଳର ସଂଯୋଗ ହୋଇଛି, ତାହା ଜଳଚକ୍ର କରିଥାରେ । ଏକ ସନ୍ତୁଳିତ ଜଳଚକ୍ର ପାଇଁ ଏପରି ଏକ ନୀତିର ଆବଶ୍ୟକତା ରହିଛି ଯାହାକି ଫଳରେ ଜଙ୍ଗଲ ସୃଷ୍ଟି କରିହେବ । ଭୂତଳ ଜଳ ବୃଦ୍ଧି ହେବ ଓ ବର୍ତ୍ତମାନର ଜଳାଶୟ, କୂଅ, ପୋଖରୀ ମାନଙ୍କରେ ଜଳ ଭରି ରହିବ ଓ ଜଳର ସ୍ରୋତ ଅତୁଟ ରହିବ ।

ସୌଜନ୍ୟ : ଦି ହିନ୍ଦୁରୁ ଅନୁବାଦିତ

Digitized by srujanika@gmail.com

ନଦୀବନ୍ଧ ସଂଯୋଗ ପରିକଳ୍ପନା : କିଛି ସାଧାରଣ ଗଣିତ

ଡ଼ଃ. ନୀଳକଣ୍ଠ ରଥ

ଭାରତରେ ନଦୀ ଜଳ ସଂଯୋଗକରଣର ଯେଉଁ ବିଶାଳ ପରିକଳ୍ପନା ଚାଲିଛି ସେ ବିଷୟରେ ମୁଦ୍ରିତ ଆକାରରେ ଖୁବ କମ୍ ବାସ୍ତବ ତଥ୍ୟ ଆଗ୍ରହୀ ସାଧାରଣ ଲୋକଙ୍କୁ ମିଳିପାରୁଛି । ପୁନା ଇଞ୍ଜିନିୟର୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ଜଣେ ବରିଷ୍ଠ ସ ଦସ୍ୟ ମୋଟାମୋଟି ଭାବେ କିଛି ତଥ୍ୟ ସଂଗ୍ରହ କରିଛନ୍ତି । ଉକ୍ତ ପ୍ରକଳ୍ପର ଆକଳିତ ମୋଟ ବ୍ୟୟ ପରିମାଣ ୫,୬୦,୦୦୦ କୋଟି ଟଙ୍କା ରଖାଯାଇଛି । ପ୍ରକଳ୍ପର ତିନୋଟି ମୁଖ୍ୟ ଅଂଶ ମଧ୍ୟରୁ ଉପଦ୍ୱୀପ (ଭାରତ, ବଙ୍ଗଳାଦେଶ ଓ ନେପାଳ ପ୍ରମୁଖର ଅପେକ୍ଷାକୃତ ସମତଳ ଅଞ୍ଚଳ) ଅଞ୍ଚଳ ପାଇଁ : ୧,୦୬,୦୦୦ କୋଟି, ହିମାଳୟର ପାର୍ବତ୍ୟ ଅଞ୍ଚଳପାଇଁ ୧୮୫,୦୦୦ କୋଟି ଓ ଜଳବିଦ୍ୟୁତ ପ୍ରକଳ୍ପ ଅଂଶ ପାଇଁ ୨,୬୯,୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ଯେଉଁ ପରିମାଣ ଜଳର ଗତିପଥ ବଦଳାଇ ମୂଳ ପଥରୁ ଅପସାରିତ କରିବାର କଳନା କରାଯାଇଛି, ତାହା ଉପଦ୍ୱୀପ ଅଞ୍ଚଳପାଇଁ ୧୪,୦୦୦ କୋଟି ଘନମିଟର ହୋଇଥିବା ବେଳେ ହିମାଳୟର ପାର୍ବତ୍ୟ ଅଞ୍ଚଳ ପାଇଁ ୩,୩୦୦ କୋଟି ଘନମିଟର ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉପଦ୍ୱୀପ ଅଞ୍ଚଳରେ ୩୪୦୦ କୋଟି ୱାଟ ଓ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ୩୦୦୦ କୋଟି ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବ ବୋଲି ଆକଳନ କରାଯାଇଛି ।

ପ୍ରକଳ୍ପର ମୋଟ ଆକଳିତ ବ୍ୟୟ କ୍ଷେତ୍ରରେ ଆବଶ୍ୟକୀୟ ଭୂମି ଅଧିଗ୍ରହଣ ଓ ବାସଚ୍ୟୁତ ହେଉଥିବା ଲୋକଙ୍କ ଥଇଥାନ ବାବଦ ଖର୍ଚ୍ଚକୁ ହିସାବକୁ ନିଆଯାଇଛି କି ନାହିଁ ସେ ସଂପର୍କରେ କୌଣସି ତଥ୍ୟ ମିଳିନାହିଁ ଏବଂ ମନେ ହେଉଛି ଏସବୁ ତଥ୍ୟକୁ ହିସାବକୁ ନିଆଯାଇନାହିଁ । ତେବେ ନଦୀ ଜଳର ଗତିପଥ ପରିବର୍ତ୍ତନ କରାଯିବା ଫଳରେ କେତେ ପରିମାଣ ଜଳରେ ଜଳସେଚନ ପାଇଁ ଅତିରିକ୍ତ ଭୂତଳ ଜଳକୁ ବ୍ୟବହାର କରାଯାଇ ପାରିବ ତାର ଏକ ହିସାବ ଦର୍ଶାଯାଇଛି । ଏହି ଭୂତଳ ଜଳକୁ ଉତ୍ପାଦିତ କରିବାକୁ କେତେ ବ୍ୟୟ କରିବାକୁ ପଡ଼ିବ ତାହାର ହିସାବ ଫର୍ଦ୍ଦ ଦିଆଯାଇ ନଥିବାରୁ ଆମେ ଏହାକୁ ବିଚାରକୁ ନନେଲେ ଚଳିବ ।

ଏହି ବିଶାଳ ପ୍ରକଳ୍ପର କାର୍ଯ୍ୟ କେଉଁ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ ହେବ ସେ ସଂପର୍କରେ ମଧ୍ୟ କୌଣସି ତଥ୍ୟ ମିଳିନାହିଁ । ଭାରତ ସରକାରଙ୍କର ଜଳସେଚନ ବିଭାଗର ଜଣେ ପ୍ରାକ୍ତନ ଇଞ୍ଜିନିୟର ସଚିବଙ୍କ ମତାନୁଯାୟୀ ପ୍ରକଳ୍ପର ପ୍ରତ୍ୟେକ ଉପାଂଶର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅନ୍ୟୁନ କୋଡ଼ିଏ ବର୍ଷ ସମୟ ଲାଗିବ ।

କେଉଁ ପର୍ଯ୍ୟାୟରେ ପ୍ରକଳ୍ପଟିର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ଓ କେବେ ଏଥିରୁ ଆଂଶିକ ଲାଭ ମିଳିବ ସେ ବିଷୟରେ କିଛି ସୂଚନା ମିଳିନାହିଁ । ତେଣୁ ଧରିନିଆଯାଇ ପାରେ

Digitized by srujanika@gmail.com

ଯେ ପ୍ରକଳ୍ପର ସମସ୍ତ ଉପାଂଶର ନିର୍ମାଣ କାର୍ଯ୍ୟ ଶେଷ ହେଲେ ଯାଇ ଲୋକେ ସୁଫଳ ପାଇବେ ଯାହାକି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଯମାରମ୍ଭର ୨୦ ବର୍ଷ ପରେ । ଆକଳିତ ବ୍ୟୟର ବାର୍ଷିକ କିସ୍ତି ପରିମାଣ କେତେ ହେବ ସେ ସଂପର୍କରେ କିଛି ସୂଚନା ମିଳିନଥିବାରୁ ପ୍ରତିବର୍ଷ ସମାନ ପରିମାଣର ଅର୍ଥ ବ୍ୟୟିତ ହୋଇ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଆଶା କରାଯାଇପାରେ ।

ଉପରୋକ୍ତ ତଥ୍ୟକୁ ଭିତ୍ତିକରି ପ୍ରକଳ୍ପର ତିନି ମୁଖ୍ୟାଂଶରେ ସ୍ୱତନ୍ତ୍ର ଭାବେ ୟୁନିଟ୍ ପିଛା ଜଳର ମୂଲ୍ୟ ଓ ୱାଟ ପିଛା ବିଦ୍ୟୁତ ଶକ୍ତିର ଦର ସଂପର୍କରେ କିଛି ସାଧାରଣ ଗାଣିତିକ ହିସାବ କରିବାକୁ ଏଠାରେ ଉଦ୍ୟମ କରାଯାଇଛି । ତିନୋଟି ଭିନ୍ନ ବିକଳ୍ପ ସମ୍ଭାବନା ଭିତରେ ଆମେ କିଛି ସାଧାରଣ ଗାଣିତିକ ହିସାବ କରିବାକୁ ପଡ଼ିବ । ପ୍ରଥମ ସମ୍ଭାବନାଟି ହେଉଛି ଯେ ନିର୍ମାଣର ୨୦ ବର୍ଷ ସମୟସୀମା ମଧ୍ୟରେ ମୂଳ ପୁଞ୍ଜି ଉପରେ କୌଣସି ସୁଧ ଲାଗୁ ହେବନାହିଁ । କିନ୍ତୁ ପ୍ରତ୍ୟେକ ଉପାଂଶ ପାଇଁ ଆକଳିତ ବ୍ୟୟ ପରିମାଣ ସୁଧ ବିହୀନ ମୂଳ ପୁଞ୍ଜିଠାରୁ ବାସ୍ତବରେ ଅନେକ ଗୁଣରେ ଅଧିକ ହୋଇଯିବ । ବ୍ୟୟିତ ମୂଳ ପାଣି ଉଠାଇବା ପାଇଁ ବାର୍ଷିକ ଶତକଡ଼ା ସାତ ହାରରେ ସୁଧ ହିସାବ କଲେ ମଧ୍ୟ ପ୍ରକଳ୍ପରେ ବ୍ୟୟିତ ଅର୍ଥ ଆଦାୟ କରିବାକୁ ଅନ୍ୟୁନ ୫୦ ବର୍ଷ ଲାଗିଯିବ ।

ଦ୍ୱିତୀୟ ବିକଳ୍ପଟି ହେଲା ନିର୍ମାଣ କାର୍ଯ୍ୟ ପାଇଁ ପ୍ରତ୍ୟେକ ବର୍ଷ ବ୍ୟୟିତ ମୂଳପାଣ୍ଠି ଉପରେ ଚକ୍ରବୃଦ୍ଧି ହାରରେ ସୁଧ ଲାଗୁ ହେବ ଯାହାକି ୨୦ ବର୍ଷ ପର୍ଯ୍ୟନ୍ତ ଲାଗୁ ହେବ । ଏଭଳି ହେଲେ ତିନି ଉପାଂଶ ନିର୍ମାଣ ପାଇଁ ଯେଉଁ ସୁଧ ବିହୀନ ମୂଳ ପାଣ୍ଠିର ଆକଳନ କରାଯାଇଛି ତାହା ଅନେକ ଗୁଣରେ ବଢ଼ିଯିବ । ଏହି ବିଶାଳ ବ୍ୟୟଭାରର ଭରଣା ପାଇଁ ଆଗାମୀ ୫୦ ବର୍ଷ ମଧ୍ୟରେ ବିନିଯୋଗ ହୋଇଥିବା ମୂଳପୁଞ୍ଜି ଉପରେ ଶତକଡ଼ା ୭ ହାରରେ ସୁଧ ଦେବାକୁ ପଡ଼ିବ ।

ତୃତୀୟ ବିକଳ୍ପ ବ୍ୟବସ୍ଥାଟି ହେଲା ନିର୍ମାଣ କାର୍ଯ୍ୟ ଲାଗି ବ୍ୟୟିତ ଅର୍ଥ ଉପରେ ସୁଧ ବ୍ୟତୀତ ପ୍ରତ୍ୟେକ ବର୍ଷର ମୁଦ୍ରାସ୍ଫୀତି ପାଇଁ ଶତକଡ଼ା ୫ ହାରରେ ଅଧିକ ବ୍ୟୟଭାର ବହନ କରିବାକୁ ପଡ଼ିବ । ୨୦ ବର୍ଷ ପରେ ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ମୋଟ ବ୍ୟୟ ପରିମାଣର ବାସ୍ତବ ଆକଳନ କରିବା ପାଇଁ ଏହି ଉଦ୍ୟମ କରାଯାଇଛି । ମୂଳ ପାଣ୍ଠି ଆଦାୟ ପାଇଁ ଉଦ୍ୟମ ବେଳେ ମୁଦ୍ରାସ୍ଫୀତିକୁ ବିବେଚନାର ପରିସରକୁ ଅଣାଯାଇ ନାହିଁ ଯେହେତୁ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ପ୍ରତ୍ୟେକ ସାମଗ୍ରୀର ଦର ବର୍ଷକୁ ବର୍ଷ ବଢ଼ିଚାଲିବ ।

ଉପରୋକ୍ତ ବ୍ୟବସ୍ଥାର ବିନିଯୋଗ କରାଯାଇ ପ୍ରକଳ୍ପର ଦୁଇ ଉପାଂଶରେ ଜଳସେଚନ ପାଇଁ ପ୍ରାପ୍ତ ପ୍ରତି ଘନମିଟର ଜଳର ବାର୍ଷିକ ମୂଲ୍ୟକୁ ଆକଳନ କରାଯାଇପାରେ । କିନ୍ତୁ ଏଭଳି ହିସାବ ସଂପୃକ୍ତ ଅଞ୍ଚଳରେ ପ୍ରତି ଘନମିଟର ଜଳ ପ୍ରତି ସାଂପ୍ରତିକ ଦର ଓ ତତ୍କାଳୀନ ଦରର ତୁଳନା କରିବାରେ ସହାୟକ ହେବନାହିଁ । ସେଭଳି ହିସାବ କଲାବେଳେ ଏକ ନିର୍ଦ୍ଦିଷ୍ଟ ଫସଲ ଅମଳପାଇଁ ଏକର ପିଛା ଜଳସେଚନ ବାବଦ ଖର୍ଚ୍ଚକୁ ହିସାବକୁ ନେବାକୁ ହେବ । ଏକରେ

Digitized by srujanika@gmail.com

ଜମିରେ ସଙ୍କର ଜୁଆର ଅମଳ ପାଇଁ ବାର୍ଷିକ ଜଳସେଚନ ଖର୍ଚ୍ଚର ହିସାବକୁ ଉଭୟ ସ୍ଥିତିରେ ବିଚାରକୁ ନେଇ ହିସାବକଲେ ସଠିକ ତଥ୍ୟ ଜଣାପଡ଼ିବ ।

ଗୋଟିଏ ଏକର ଜମିରେ ସଙ୍କର ଜୁଆର ଅମଳପାଇଁ ୧୮ ଏକର ଇଞ୍ଚ ପାଣିର ଆବଶ୍ୟକତା ରହିଛି । ପ୍ରବହମାନ ଜଳସେଚନ ବ୍ୟବସ୍ଥାରେ ଅଧାରୁ ଅଧିକ ଜଳ ସ୍ରୋତ ପଥରେ ବାଷ୍ପୀକରଣ ଓ ଭୂପୃଷ୍ଠ ଶୋଷଣ ଯୋଗୁଁ ନଷ୍ଟ ହୋଇଥାଏ । ତେଣୁ ଏକ ଏକର ଜମିରେ ସଙ୍କର ଜୁଆର ଅମଳପାଇଁ ୩୬ ଏକର ଇଞ୍ଚ ଜଳ ବ୍ୟୟିତ ହେବ । ଉପଦ୍ୱୀପ ଅଞ୍ଚଳରେ ଏକ ଏକରରେ ଆଖୁ ଚାଷ ପାଇଁ ୧୮୦ ଏକର ଇଞ୍ଚ ଜଳର ଆବଶ୍ୟକତା ପଡୁଥିବାରୁ ପାଠକ ବନ୍ଧୁମାନେ ଅନ୍ୟାନ୍ୟ ଫସଲପାଇଁ କେତେ ଜଳ ଆବଶ୍ୟକ ପଡ଼ିବ ତାହା ହିସାବକରି ପାରନ୍ତି ।

ପ୍ରକଳ୍ପ ନିର୍ମାଣ ସମୟରେ ମୂଳପାଣ୍ଠିରେ କୌଣସି ସୁଧ ବା ମୁଦ୍ରାସ୍ଫୀତିର ପ୍ରଭାବ ପଡ଼ିବ ନାହିଁ ବୋଲି ମନେକରି ଯଦି ହିସାବ କରାଯାଏ ତେବେ ଏକ ଏକର ସଙ୍କର ଜୁଆର ପାଇଁ ଜଳସେଚନ ନିମନ୍ତେ ଉପଦ୍ୱୀପ ଅଞ୍ଚଳରେ ଏକର ପିଛା ୨୭୮୧୫ ଟଙ୍କା ଓ ହିମାଳୟ ପର୍ବତମାଳା ଅଞ୍ଚଳରେ ୨୦୭୪୧୮ ଟଙ୍କା ବ୍ୟୟ କରିବାକୁ ପଡ଼ିବ । ମୂଳ ବ୍ୟୟ ଉପରେ ଶତକଡ଼ା ୭ ହାରରେ ସୁଧ ହିସାବ କଲେ ପଚାଶବର୍ଷ ପର୍ଯ୍ୟନ୍ତ ଉପଦ୍ୱୀପ ଅଞ୍ଚଳପାଇଁ ବର୍ଷକୁ ଏକର ପିଛା କେବଳ ସୁଧ ବାବଦରେ ୨୦୧୫ ଟଙ୍କା ଓ ହିମାଳୟର ପାର୍ବତ୍ୟ ଅଞ୍ଚଳ ପାଇଁ ବର୍ଷକୁ ୧୫୦୩୦ ଟଙ୍କା ଲାଗିବ ।

ଆକଳିତ ବାର୍ଷିକ ମୂଳବ୍ୟୟ (ଯେଉଁଥିରେ ଜଳଯୋଗାଣର ପ୍ରଶାସନିକ ବ୍ୟୟକୁ ହିସାବକୁ ନିଆଯାଇନାହିଁ)ର ତୁଳନାତ୍ମକ ଅନୁଶୀଳନ ପାଇଁ ଏହା ଆବଶ୍ୟକ । ଏକ ଏକର ଜୁଆର ଫସଲ ଜଳସେଚିତ କରିବାକୁ ଏବେ କେତେ ଖର୍ଚ୍ଚ ପଡୁଛି ଓ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷବେଳକୁ କେତେ ଖର୍ଚ୍ଚ କରିବାକୁ ପଡ଼ିବ, ଆନୁସଙ୍ଗିକ ଖର୍ଚ୍ଚ ଯାଇ କେତେ ଆୟହେବ ତାହା ହିସାବ କରିବାକୁ ହେବ ।

କିନ୍ତୁ ବ୍ୟୟ କରାଯାଉଥିବା ମୂଳପୁଞ୍ଜି ଉପରେ ସୁଧର ପରିମାଣକୁ ସାଧାରଣ ଭାବରେ କଳନା କରିନେବା ସମ୍ଭବନୁହେଁ । ଶତକଡ଼ା ସାତ ହିସାବରେ ସୁଧ ଆକଳନ କଲେ ଉପଦ୍ୱୀପ ଉପାଂଶରେ ୨୦ ବର୍ଷ ଶେଷ ବେଳକୁ ମୂଳ ବ୍ୟୟ ପରିମାଣ ୨,୧୭,୨୭୬ କୋଟି ହୋଇଯିବ । ସେତେବେଳେ ଏକ ଏକରରେ ସଙ୍କର ଜୁଆର ଫସଲ କରିବାକୁ ଖର୍ଚ୍ଚ ହେବ ୫୭୦୧୪/- ଟଙ୍କା । ଏହି ଫସଲରୁ ବାର୍ଷିକ ପୁଞ୍ଜି ଆଦାୟ ପରିମାଣ ମାତ୍ର ୪୧୩୧ ଟଙ୍କା ହେବ ।

ସେଭଳି ହିମାଳୟ ପାର୍ବତ୍ୟ ଇଲାକା ଉପାଂଶରେ ମୂଳ ଅଟକଳ ସହ ୨୦ ବର୍ଷର ଶତକଡ଼ା ସାତ ସୁଧ ହାର ହିସାବକୁ ନେଲେ ମୋଟ ମୂଳଧନ ବ୍ୟୟ ପରିମାଣ ୩,୭୯,୨୦୮ କୋଟି ଟଙ୍କା ହେବ । ସେହି ଅଞ୍ଚଳରେ ଏକ ଏକର ଜମିରେ ସଙ୍କର ଜାତୀୟ ଜୁଆର କରିବାକୁ ମୂଳଧନର ପରିମାଣ ୪୨୫୧୭୩ ଟଙ୍କା ହେବ । ରାଜସ୍ଥାନ ଓ ଉତ୍ତର ଗୁଜରାଟରେ

Digitized by srujanika@gmail.com

ଅଧିକ ପରିମାଣର ଜଳ ଆବଶ୍ୟକ ହେଉଥିବାରୁ ଏକର ପିଛା ଜଳସେଚନ ପାଇଁ ଖର୍ଚ୍ଚର ପରିମାଣ ଆକାଶ ଛୁଆଁ ହୋଇଯିବ ।

ଏହି ପ୍ରକଳ୍ପର ନିର୍ମାଣ କାଳରେ ବିଦ୍ୟୁତ୍ ଶକ୍ତି ଓ୍ୱାଟ ପିଛା ଟ. ୮୯.୬୦/- ପଡ଼ିବ । ନିର୍ମାଣ ଖର୍ଚ୍ଚ ଉପରେ ଶତକଡ଼ା ୭ ହାରରେ ସୁଧ ଲଗାଇ ହିସାବକଲେ ମୂଳଧନ ଆଦାୟ ଅବଧି ୫୦ ବର୍ଷ ମଧରେ ଓ୍ୱାଟ ପିଛା ୬.୫୦ ଟଙ୍କା ଅଧିକ ଆଦାୟ କରିବାକୁ ପଡ଼ିବ । ପ୍ରକଳ୍ପ ନିର୍ମାଣ କାଳରେ ମୂଳଧନ ଉପରେ ଶତକଡ଼ା ୭ ହାରରେ ସୁଧ ହିସାବକଲେ ପ୍ରତି ଓ୍ୱାଟ ପିଛା ଦର ଟ ୧୮୩.୩୦ ପଡ଼ିବ । ୫୦ ବର୍ଷ ମଧରେ ମୂଳଧନ ଆଦାୟ ପାଇଁ ଶତକଡ଼ା ୭ ହାରରେ ସୁଧର ହିସାବ କଲେ ଓ୍ୱାଟ ପିଛା ଟ. ୧୩.୩୦ ଅଧିକ ପରିଶୋଧ କରିବାକୁ ପଡ଼ିବ ।

ଶେଷରେ କୁହାଯାଇପାରେ ଯେ ବାସ୍ତବ ବ୍ୟୟ ପରିମାଣ ମୋଟାମୋଟି କେତେ ହେବ ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ । ସରକାରୀ ହିସାବ ଫର୍ଦ୍ଦରେ ସୁଧ ଓ ମୁଦ୍ରାସ୍ଫୀତି କଥା ଉଲ୍ଲେଖ ନଥିବାରୁ ମୋଟ କେତେ ମୂଳଧନ ବ୍ୟୟିତ ହେବ ତାହା ସ୍ପଷ୍ଟ ହୋଇନାହିଁ ।

ଆମେ ଧରିନେଇଛେ ଯେ ମୂଳ ପୁଞ୍ଜି ଉପରେ ଶତକଡ଼ା ୭ ହାରରେ ସୁଧ ନିର୍ମାଣ ସମୟରେ ଲାଗୁହେବ । ସେହି ଅନୁଯାୟୀ ପ୍ରକଳ୍ପର ତିନି ଉପାଂଶର ମୋଟ ବ୍ୟୟ ୧୧,୪୭,୮୭୩ କୋଟି ହୋଇଯିବ ଯାହାକି ସାଂପ୍ରତିକ ଆକଳନର ଦୁଇଗୁଣ । ଏହି ହିସାବରେ ମଧ ଆମେ ମୁଦ୍ରାସ୍ଫୀତି ହାରକୁ ବିଚାରକୁ ନେଇନାହୁଁ । ଯଦି ପ୍ରତିବର୍ଷର ମୁଦ୍ରାସ୍ଫୀତି ହାରକୁ ଶତକଡ଼ା ୫ ବୋଲି ଧରାଯାଏ ତେବେ ନିର୍ମାଣ ଅବଧି ୨୦ ବର୍ଷ ଶେଷ ହେବା ବେଳକୁ ଉପଦ୍ୱୀପ ଉପାଂଶରେ ୩,୮୧,୮୭୮ କୋଟି, ହିମାଳୟ ପାର୍ବତ୍ୟ ଇଲାକା ଉପାଂଶରେ ୬,୬୬,୪୮୫ କୋଟି ଓ ଜଳବିଦ୍ୟୁତ୍ ଉତ୍ପାଦନ ଉପାଂଶରେ ୯,୬୯,୧୦୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ । ଫଳରେ ନିର୍ମାଣ ଅବଧି ୨୦ ବର୍ଷ ଶେଷ ବେଳକୁ ଏହି ପ୍ରକଳ୍ପ ପାଇଁ ମୋଟ ୨୦,୧୭,୪୬୮ କୋଟି ଟଙ୍କା ବ୍ୟୟ କରିବାକୁ ହେବ । ସେହି ଦୃଷ୍ଟିରୁ ବିଚାରକଲେ ପ୍ରକଳ୍ପ ପାଇଁ ବର୍ଷକୁ ହାରାହାରି ଏକଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ।

ଓଡ଼ିଆ ଭାଷାରେ ପ୍ରଚଳିତ ରଢ଼ି ''ଷାଠିଏ ମହଣ ଘିଅ ହେଲେ ରାଧା ନାଚିବ'' ଏ କ୍ଷେତ୍ରରେ ପ୍ରଯୁଜ୍ୟ । ଜଳସେଚନ ନିମନ୍ତେ ଯାହା ସବୁକୁ ପ୍ରାଥମିକତା ଦେଇ କରିବା କଥା ତାହା କରାନଯାଇ ଲୋକଙ୍କୁ ''ଆକାଶ କୟାଁ ଓ ଚିଲିକା ମାଛ'' ଭଳି ସ୍ୱପ୍ନଦେଖାଇ ଆଉ କେତେଦିନ ଭଣ୍ଡାଇହେବ ?

(ପୁନା ଇଞ୍ଜିନିୟର୍ସ ଇନ୍‌ଷ୍ଟିଚ୍ୟୁଟ୍‌ରେ ୨୦୦୩ ମସିହା ଜୁନ ୩ ତାରିଖରେ ଡ଼ଃ. ରଥଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ସନ୍ଦର୍ଭର କିୟଦଂଶ । ଅନୁବାଦ ସମୟରେ ପେନିନ୍‌ସୁଲା ନିମନ୍ତେ ଉପଦ୍ୱୀପ ଶବ୍ଦର ବ୍ୟବହାର କରାଯାଇଅଛି ।) *(ସୌଜନ୍ୟ - ଗାନ୍ଧିଁ ବିଚାର)*

Digitized by srujanika@gmail.com

ନଦୀ ସଂଯୋଗ ବନାମ ଜଳ ଅର୍ଥନୀତି

ନଦୀୟା ଚାନ୍ଦ କାନୁନ୍‌ଗୋ

ବିଶ୍ୱର ଅର୍ଥନୀତି କହିଲେ ଜଳକୁ ହିଁ ବୁଝାଏ । ବିଶ୍ୱର ପ୍ରାଣୀଜଗତ ଜଳ ଉପରେ ନିର୍ଭରଶୀଳ । ଜଳକୁ ଛାଡ଼ିଦେଲେ ବିଶ୍ୱର ପରିଚୟ ମରୁଭୂମିରେ ହିଁ ପ୍ରକାଶ ପାଇବ । ଏଣୁ ଏବେ ଯଦି ବିଶ୍ୱ ଯୁଦ୍ଧ ଘଟିବ ତାହା କେବଳ ଜଳ ପାଇଁ । ପ୍ରଦେଶ ପ୍ରଦେଶ ମଧ୍ୟରେ, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଏବଂ ମହାଦେଶ ମହାଦେଶ ମଧ୍ୟରେ ପ୍ରାରମ୍ଭରୁ ଯେଉଁ ବାଣିଜ୍ୟ ଚାଲିଆସୁଛି, ତାହା କେବଳ ସମ୍ଭବ ହୋଇଛି ଜଳପଥ ମଧ୍ୟ ଦେଇ । ବିଶ୍ୱର ଭୌଗୋଳିକ ପରିସ୍ଥିତି ଏପରି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ନ ହେଲେ ମଧ୍ୟ ପ୍ରତ୍ୟେକ ମହାଦେଶ ସମୁଦ୍ର ପଥ ଦ୍ୱାରା ସଂଯୁକ୍ତ । ସମୁଦ୍ର ପଥକୁ ଛାଡ଼ିଦେଲେ ବିଶ୍ୱର ବାଣିଜ୍ୟ ସମ୍ଭବ ନୁହେଁ । ଜଳପଥ କହିଲେ ବିଶ୍ୱର ବାଣିଜ୍ୟ ହିଁ ବୁଝାଏ । ଯଦି ଜଣେ ତାହାର ନିଜ ଗାଁ ନାଳରୁ ବିଶ୍ୱ ପରିକ୍ରମା କରିବାକୁ ଚାହେଁ ତାହା ଅକ୍ଳେଶରେ ସମ୍ଭବପର ହୋଇପାରିବ । କାରଣ ନାଳରୁ ନଦୀ ଏବଂ ନଦୀରୁ ସାଗର ଦେଇ ମହାଦେଶରୁ ଦେଶମାନଙ୍କୁ ଯାତ୍ରା କରିବା ତା ପକ୍ଷେ ସମ୍ଭବ ହୋଇପାରିବ ।

ବିଶ୍ୱର ପ୍ରତ୍ୟେକ ବଡ଼ ବଡ଼ ନଦୀ ବିଶ୍ୱ ସଭ୍ୟତାକୁ ଜନ୍ମ ଦେଇଛି । ଆଫ୍ରିକାକୁ ପରିଚୟ ଦେଇଛି ନଦୀ ନାଇଲ୍, ଦକ୍ଷିଣ ଆମେରିକାର ସମୃଦ୍ଧି ଆଣିଛି ନଦୀ ଆମାଜନ୍, ଯୁକ୍ତରାଷ୍ଟ୍ର ଆମେରିକାକୁ ବିତ୍ତବଶାଳୀ କରିଛି ମିଶୋରୀ ମିସିସିପି, ଚାଇନା ଏସିଆର ଭାଗ୍ୟ ରେଖା ସାଜିଛି ଚାଙ୍ଗ-ଜିଆଙ୍ଗ' (ୟାଙ୍ଗଟେଜ), ପୂର୍ବ ଋଷିଆ ଫେଡ଼େରେସନ୍ ଓ ଏସିଆ ଅଞ୍ଚଳକୁ ୟେନ୍‌ସେ-ବୈକାଲ ସମୃଦ୍ଧି କରି ଚାଲିଛି । କଙ୍ଗୋ ନଦୀ ଆଫ୍ରିକାର ମହାନ୍ ଜୈବପୀଢ଼ି ଏବଂ ଜୈବ ବିବିଧତାକୁ ବିଶ୍ୱର ଶୀର୍ଷ ସ୍ଥାନ ଦେଇ ପାରିଛି ।

ଭାରତବର୍ଷର ବିଶିଷ୍ଟ ନଦୀମାନଙ୍କ ମଧ୍ୟରେ ସିନ୍ଧୁ, ବ୍ରହ୍ମପୁତ୍ର,ଗଙ୍ଗା, ଯମୁନା, ଗୋଦାବରୀ, ନର୍ମଦା, ସତ୍‌ଲେଜ୍ ଏବଂ ଝେଲମ୍ ଏମାନେ ହିମାଳୟ ପର୍ବତମାଳାରୁ ବାହାରି ଆରବ ସାଗର କିମ୍ବା ବଙ୍ଗୋପସାଗରରେ ବିଲୀନ ହୋଇଛନ୍ତି । ସେହିପରି ଭାରତ ବର୍ଷର କେନ୍ଦ୍ରରେ ଅବସ୍ଥିତ ବିନ୍ଧ୍ୟ ପର୍ବତମାଳାରୁ ନର୍ମଦା, କ୍ରୀଷ୍ଣା, କାବେରୀ, ଗୋଦାବରୀ ପରି ବିଶିଷ୍ଟ ନଦୀମାନେ ଜନ୍ମ ନେଇ ବଙ୍ଗୋପସାଗରରେ ପଡ଼ିଛନ୍ତି । ଏମାନଙ୍କ ବ୍ୟତୀତ ଏମାନଙ୍କୁ ପୁଷ୍ଟ କରୁଥିବା ଅନେକ କ୍ଷୁଦ୍ର କ୍ଷୁଦ୍ର ନଦୀ ମଧ୍ୟ ଏହି ଅଞ୍ଚଳରେ ରହିଅଛନ୍ତି ।

ଯଦି ଆମ ଓଡ଼ିଶା କଥା ବିଚାରକୁ ନିଆଯାଏ, ତାହାହେଲେ ଦେଖିବାକୁ ମିଳିବ ପ୍ରଧାନ ନଦୀ ଯଥା : ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ନାଗାବଳୀ, ବଂଶଧାରା ଇତ୍ୟାଦି । ଏମାନଙ୍କ ବ୍ୟତୀତ ଅନେକ ଛୋଟ ଛୋଟ ନଦୀ ଅଛନ୍ତି ଯେଉଁମାନେ ଆମ ଗ୍ରାମ୍ୟ ଅର୍ଥନୀତିରୁ ଆରମ୍ଭ କରି ନଗରୀ ପର୍ଯ୍ୟନ୍ତ ସଂଶ୍ଳିଷ୍ଟ ।

Digitized by srujanika@gmail.com

ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

ଭାରତବର୍ଷର ନଦୀମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯେଉଁମାନେ ହିମାଳୟ ପର୍ବତମାଳାରୁ ଜନ୍ମ ନେଇଛନ୍ତି ସେମାନେ ଚିରସ୍ରୋତା । ଅର୍ଥାତ୍ ଏହି ନଦୀମାନଙ୍କରେ ବର୍ଷସାରା ଜଳସ୍ରୋତ ଦେଖିବାକୁ ମିଳିଥାଏ । ବର୍ଷାଋତୁରେ ବର୍ଷା ଜଳ ଜଳଗ୍ରହଣ କ୍ଷେତ୍ରମାନଙ୍କରୁ ସଂଗୃହୀତ ହୋଇ ଏହି ନଦୀମାନଙ୍କରେ ପ୍ରବାହିତ ହେଉଥିବାବେଳେ ଗ୍ରୀଷ୍ମ ଋତୁରେ ବରଫାବୃତ ଶୃଙ୍ଗମାନଙ୍କରୁ ବରଫ ତରଳି ଏହି ନଦୀମାନଙ୍କରେ ପ୍ରବାହିତ ହୋଇଥାଏ । କିନ୍ତୁ ହିମାଳୟ ପର୍ବତମାଳା ବ୍ୟତୀତ ଅନ୍ୟ ଯେଉଁ ପର୍ବତମାଳାରୁ ଅନ୍ୟ ନଦୀମାନେ ଜନ୍ମ ନେଇଛନ୍ତି ସେମାନେ ଚିରସ୍ରୋତା ନୁହଁନ୍ତି । କାରଣ ଏହି ନଦୀମାନଙ୍କରେ ପ୍ରବାହିତ ଜଳ କେବଳ ବର୍ଷା ଜଳ ଉପରେ ହିଁ ନିର୍ଭର କରନ୍ତି । ଏମାନେ ସବୁ ଖରସ୍ରୋତା ନଦୀ । ଯାହାର ଅର୍ଥ ହେଲା ବର୍ଷା ଜଳ ଦ୍ରୁତଗତିରେ ଏହି ନଦୀମାନଙ୍କରେ ସଂଗୃହୀତ ହୋଇ ସମୁଦ୍ର ମଧ୍ୟକୁ ପ୍ରବାହିତ ହୋଇଥାଏ ।

ପ୍ରଦେଶ ହେଉ କିମ୍ୱା ରାଷ୍ଟ୍ର ହେଉ, ଏହାର ଅର୍ଥନୀତିକୁ ଏହି ନଦୀ ବିଶେଷ ସାହାଯ୍ୟ ସହଯୋଗ କରନ୍ତି ନାହିଁ । ପ୍ରଦେଶ ପ୍ରଦେଶ ମଧ୍ୟରେ ନଦୀ ଜଳ ବଣ୍ଟନ ନେଇ ଏମାନେ ସମସ୍ୟା ସୃଷ୍ଟି କରନ୍ତି ଏବଂ ବିଶେଷ କରି ଗ୍ରୀଷ୍ମ ଋତୁରେ ଏହି ନଦୀଗୁଡ଼ିକ ଶୁଷ୍କ ରହନ୍ତି ଏବଂ ପ୍ରଦେଶର ଆବଶ୍ୟକ ଜଳ ଯୋଗାଇ ଦେବାକୁ ସକ୍ଷମ ହୁଅନ୍ତି ନାହିଁ । ଏଣୁ ତାମିଲନାଡୁ-କର୍ଣ୍ଣାଟକ କାବେରୀ ଜଳ ବିବାଦ ମୁଣ୍ଡ ଟେକିବା ସାଙ୍ଗକୁ ଓଡ଼ିଶା ଛତିଶଗଡ଼, ମହାନଦୀ ଜଳବିବାଦ ପାଇଁ ସୁଯୋଗ ସୃଷ୍ଟି କରୁଛି । ଏହାର ସମାଧାନ ପାଇଁ ପୂର୍ବ ଏନ୍‌ଡ଼ିଏ ସରକାର ଭାରତବର୍ଷର ସବୁ ବଡ଼ ବଡ଼ ନଦୀମାନଙ୍କୁ ସଂଯୋଗ କରିଦେଲେ ପ୍ରଦେଶ ମାନଙ୍କର ଜଳ ସମସ୍ୟାର ଦୂର ହୋଇଯିବ ଏବଂ ରାଷ୍ଟ୍ରର ପ୍ରତ୍ୟେକ ନଦୀ ଚିରସ୍ରୋତା ହୋଇଯିବ ଏବଂ ନଦୀମାନଙ୍କରେ ବନ୍ୟାର ଭୟ ରହିବ ନାହିଁ ବୋଲି ଯୁକ୍ତି କରୁଥିଲେ ।

ଏହା ଏକ ଉଦ୍ଭଟ ଚିନ୍ତାଧାରା । ଆମ ରାଷ୍ଟ୍ରର ପ୍ରଧାନ ପ୍ରଧାନ ନଦୀରେ କେତେ ବର୍ଷା ଜଳ ଏବଂ ଖରାଦିନେ ବରଫ ତରଳି ମୋଟ କେତେ ଜଳ ପ୍ରବାହିତ ହେଉଛି, ତାହା ଏପର୍ଯ୍ୟନ୍ତ ଆମକୁ ଜଣାନାହିଁ କିମ୍ୱା ଏହାର ପ୍ରକୃତ ଆକଳନ ଏପର୍ଯ୍ୟନ୍ତ ସଠିକ୍ ଭାବେ କରାଯାଇନାହିଁ । ଯଦି ଆମ ରାଷ୍ଟ୍ରର ପ୍ରଧାନ ପ୍ରଧାନ ନଦୀମାନଙ୍କୁ ସଂଯୁକ୍ତ କରାଯାଏ ଏବଂ ଖରାଦିନେ ନଦୀମାନଙ୍କୁ ଚିରସ୍ରୋତା କରିବା ପାଇଁ ହିମାଳୟର ଗଭୀର ବରଫ ଶୃଙ୍ଗମାନଙ୍କର ବରଫକୁ କୃତ୍ରିମ ଉପାୟରେ ତରଳାଯାଏ ତାହା ପର୍ଯ୍ୟାବରଣ ଉପରେ ପ୍ରଭାବ ପକାଇବ ଏବଂ ସେଠାକାର ଅଧିବାସୀଙ୍କୁ ହନ୍ତସନ୍ତ କରି ମାରିବ ଓ ସେଠାକାର ପ୍ରାଣୀଜଗତ ଧ୍ୱଂସ ପାଇଯିବ । ଏହାର କାରଣ ହେଲା, ପ୍ରକୃତି ପ୍ରକୃତି ସହିତ ସହଯୋଗ ରକ୍ଷା କଲା ପରି ପ୍ରାଣୀ ବିବିଧତା ସୃଷ୍ଟି କରିଥାଏ । କିନ୍ତୁ ମଣିଷର କୃତ୍ରିମ ଏବଂ କଳୁଷିତ, ପର୍ଯ୍ୟାବରଣ ବିଦ୍ରୋହୀ ମନୋଭାବକୁ ନେଇ ନୁହେଁ । ଏଣୁ ଏହା ହେଉଛି ପୂର୍ବ ଏନଡିଏ ସରକାରଙ୍କ ପର୍ଯ୍ୟାବରଣ ବିଦ୍ରୋହୀ ଚିନ୍ତାଧାରା ।

ଅବସରପ୍ରାପ୍ତ ଡି.ଏଫ୍.ଓ., ଭୁବନେଶ୍ୱର

Digitized by srujanika@gmail.com

ନଦୀ ସଂଯୋଗ ଯୋଜନାରେ ଯୁକ୍ତିର ଅଭାବ

ତୁନୁ ରାୟ

ପୂର୍ବତନ ଟାସ୍କଫୋର୍ସର ଅଧକ୍ଷ ସୁରେଶ ପ୍ରଭୁଙ୍କ ଯୁକ୍ତିଥିଲା ଦେଶର ବନ୍ୟା, ମରୁଡ଼ିର ପ୍ରତିକାର ପାଇଁ ଅତ୍ୟଧିକ ନଦୀଜଳକୁ ଅଭାବସ୍ଥାନକୁ ସ୍ଥାନାନ୍ତର କରିବା ଏକ ମୁଖ୍ୟ ଲକ୍ଷ୍ୟ । ଏହା ନଦୀ ସଂଯୋଗ ଦ୍ୱାରା ସମ୍ଭବପର, କିନ୍ତୁ ବନ୍ୟା, ମରୁଡ଼ିର ସମସ୍ୟାକୁ ଯେପରି ଚିତ୍ରିତ କରାଯାଉଛି ତାହା ଅବାସ୍ତବ ଓ ଅନାବଶ୍ୟକ ଭାବେ କରାଯାଉଛି । ଋତୁ ପରିବର୍ତ୍ତନ, ମୌସୁମୀ ଯେପରି ପ୍ରାକୃତିକ, ସେହିପରି ବର୍ଷା ଆସିଲେ ବନ୍ୟା ମଧ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟା । ଯେଉଁଠି ଜଳର ଅଭାବ ବୋଲି ଦର୍ଶାଯାଉଛି, ସେଠି କେବଳ ଜନସଂଖ୍ୟା ବୃଦ୍ଧିକୁ ପ୍ରଥମ କାରଣ ବୋଲି କୁହାଯାଉଛି । ତାହାହେଲେ ଗତ ୫୦ ବର୍ଷ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ୩ ଗୁଣ ହୋଇଥିଲାବେଳେ ପ୍ରତିଜଣକ ପାଇଁ ଜଳର ଉପସ୍ଥାନ କାହିଁକି ୪ ଗୁଣ କମିଯାଉଛି । ତେଣୁ ଜନସଂଖ୍ୟା ବୃଦ୍ଧି ଏକମାତ୍ର କାରଣ ନୁହଁ । ଯଦି ଜଳ ଅଭାବ ସାବରମତୀ ନଦୀ ଅବବାହିକାରେ ପ୍ରତିଜଣକ ପିଛା ୩୦୦ ଘନମିଟର ଜଳ ଥିବାବେଳେ ସେଠାକୁ ପ୍ରତିଜଣକ ପାଇଁ ୧୪୦୦ ଘ.ମି. କିପରି ବଳକାଥିବ ନଦୀ ଅବବାହିକାରୁ ଅଣାଯାଇପାରିବ ? ଭାବିବା ମଧ୍ୟ କଷ୍ଟକର । ଶେଷରେ ଯଦି ବ୍ୟବହାରଯୋଗ୍ୟ ଜଳର ପରିମାଣ ୬୯୦୦୦ କୋଟି ଘନମିଟର ମଧ୍ୟରେ ସୀମିତ, ତାହାହେଲେ ୨୦୫୦ ସାଲ ବେଳକୁ ଆମର ଆବଶ୍ୟକ ୧୧୮୦୦୦ କୋଟି ଘନମିଟର ଜଳ ଅର୍ଥାତ ଦୁଇଗୁଣ କିପରି ପାଇପାରିବା ? ତେଣୁ ଯେତିକି ଅଛି, ତାକୁ ନେଇ ଆବଶ୍ୟକତା ଠିକ୍ କରିବା ଉଚିତ ନୁହଁ କି ?

ଜଳର ସଂରକ୍ଷଣ, ନିୟନ୍ତ୍ରଣ, ବର୍ଷାଜଳ ଅମଳର ସାମର୍ଥ୍ୟରେ ବୃଦ୍ଧି ପ୍ରତି କାହାର ଦ୍ୱିମତ ନାହିଁ । କିନ୍ତୁ, କେନ୍ଦ୍ରୀୟ ଭୂତଳ ଜଳ ପରିଷଦ ଅନୁସାରେ ଯଦି ଭୂତଳର ୩୭୦୦ କୋଟି ଘନମିଟର ଜଳ ପୁନଃ rechanged ୨୪,୫୦୦ କୋଟି ଟଙ୍କା ବ୍ୟୟରେ କରାଯାଇପାରିବ, ତାହାହେଲେ ନଦୀ ସଂଯୋଗରେ ୧୭୫୦୦ କୋଟି ଘନମିଟର ଜଳପାଇଁ ୫୬୦୦୦୦ କୋଟି ଟଙ୍କା ବ୍ୟୟ କରିବା ଯଥାର୍ଥତା କେଉଁଠି ରହିଲା ? ପୁଣି ଏହି ଭୂତଳ ଜଳ ପରିଷଦ ଏକ ଯୋଜନା କରିଛି ଯେ ଶାରଦା ନଦୀରୁ (୮୦୦ କି.ମି. ଦୂର) ଜଳ ଆଣି ଥର୍ ମରୁଭୂମିରେ ଭୂତଳଜଳ ପୁନଃ recharge କରାଯିବ । ଏକଥା ଶ୍ରୀ ପ୍ରଭୁ ପ୍ରକାଶ କରିନାହାନ୍ତି । ନଦୀ ସଂଯୋଗ ଯୋଜନାର ଲକ୍ଷ୍ୟ ଅନେକ, ଯାହାକି କେନାଲ, ଜଳଭଣ୍ଡାର ଜରିଆରେ ଜଳ ସ୍ଥାନାନ୍ତର, ବିଦ୍ୟୁତ ଉତ୍ପାଦନ, ଜଳସେଚନ, ଭୂତଳଜଳ recharge, ବନ୍ୟା ନିୟନ୍ତ୍ରଣ, ନୌବାଣିଜ୍ୟ । ଏସବୁ ପରସ୍ପର ପ୍ରତି ବାଧକ ହେବାର ସମ୍ଭାବନା ବେଶୀ । କାରଣ ଖରାଦିନେ ଚାଷୀ ଜଳସେଚନ ପାଇଁ ଜଳଭଣ୍ଡାରରୁ ଜଳ ଦାବି କଲାବେଳେ ବିଦ୍ୟୁତ ଉତ୍ପାଦନ ପାଇଁ ଜଳର ମହଜୁଦ

Digitized by srujanika@gmail.com

ଏକାନ୍ତ ଜରୁରୀ । ବର୍ଷାଦିନେ ବନ୍ୟା ନିୟନ୍ତ୍ରଣ କରିବାକୁ ଜଳଭଣ୍ଡାର ଭିତରକୁ ଜଳନେବାବେଳେ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ପୁଣି ଜଳଛାଡ଼ିବାକୁ ବାଧ୍ୟ । ବନ୍ୟାକୁ ନିୟନ୍ତ୍ରଣପାଇଁ ଜଳର ପରିମାଣ ନଦୀରେ କାମ କରିବା ପାଇଁ ଚାହିଁଲାବେଳେ ଭୂତଳ ଜଳ ବିସ୍ତାର ଭାବରେ **recharge** ହେବାପାଇଁ ବନ୍ୟାଜଳ ମଧ୍ୟ ବହୁସ୍ଥାନ ମାଡ଼ିବା ଆବଶ୍ୟକ ବୋଲି ଭୂତଳ ଜଳ ପରିଚାଳକମାନେ କହନ୍ତି ।

କିନ୍ତୁ ଶ୍ରୀ ପ୍ରଭୁ କେବଳ ଗୋଟିଏ ଅସୁବିଧାକୁ ସ୍ୱୀକାର କରିଥିଲେ, ତାହା ଉଦବାସ୍ତୁକରଣ । ଅତୀତରେ ଯେଉଁମାନେ ନିଜ ଜମି, ଘର ଛାଡ଼ିଛନ୍ତି କିମ୍ବା ସେମାନଙ୍କୁ ହଟାଯାଇଛି, ସେମାନଙ୍କୁ ନ୍ୟାୟ ମିଳିପାରିବ ନାହିଁ, କିନ୍ତୁ ସେହି ଲକ୍ଷ ଲକ୍ଷ ବଞ୍ଚିତ ପରିବାରମାନଙ୍କ ପ୍ରତିନିଧିମାନଙ୍କୁ ସରକାର ଆଲୋଚନା ଟେବୁଲକୁ ଡାକୁନାହାନ୍ତି ।

ଟାସ୍କଫୋର୍ସରେ ସଂସ୍ଥା ଓ ବ୍ୟକ୍ତିମାନେ କେବଳ ସରକାରର ପ୍ରସ୍ତାବକୁ ହଁ କରିବା ପାଇଁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜାତୀୟ ଜଳ ବିକାଶ ଏଜେନ୍ସି ଯିଏକି ୧୯୮୨ରୁ ଗଠିତ ହୋଇଥିଲେ ମଧ୍ୟ କୌଣସି ଏକ ରିପୋର୍ଟ ତିଆରି କରିପାରିନାହିଁ । ନିଜେ ଯାହା କରିପାରିନଥିଲେ ବର୍ତ୍ତମାନ ଶ୍ରୀପ୍ରଭୁ କହୁଛନ୍ତି ଯେ ସବୁକିଛି ଅନୁଧ୍ୟାନ ଖୋଲାକରିବା ଉଚିତ । ଏହା ସ୍ୱାଗତଯୋଗ୍ୟ, କିନ୍ତୁ କେବଳ ମନ୍ତ୍ରୀ ଓ ଅଫିସରମାନଙ୍କ ଆଲୋଚନା ଗୃହ ମଧ୍ୟରେ ନୁହେଁ । କୋଟି କୋଟି ଜନତା ଯେଉଁମାନେ ସବୁକିଛି ହରାଇବେ ବିକାଶ ନାମରେ ସେମାନଙ୍କୁ ବାଦଦେଇ ଏପରି ଅବାସ୍ତବ ଯୋଜନା କାର୍ଯ୍ୟକାରୀ ହେବା ଅସମ୍ଭବ ।

Source : Dams, Rivers and people

''ନଦୀ ସଂଯୋଗ ଯୋଜନାର କାର୍ଯ୍ୟକାରିତା ପାଇଁ ନେପାଳ, ଭୂଟାନ ଓ ବଙ୍ଗଳା ଦେଶର ସହମତ ଦରକାର । ରାଜ୍ୟମାନଙ୍କ ମଧ୍ୟରୁ ମଧ୍ୟ ସହମତି ମିଳିବ ନାହିଁ । ପ୍ରାୟ ୪ ଲକ୍ଷ ୫୦ ହଜାର ଜନତା ବିସ୍ଥାପିତ ହେବା ସହ ୭୯୨୯୨ ହେକ୍ଟର ଜଙ୍ଗଲ ଜଳଭଣ୍ଡାର ଓ କେନାଲ ଦ୍ୱାରା ବୁଡ଼ିଯିବ ।''

ଶଙ୍କର ଆୟାର (ପତ୍ରକାର)

Digitized by srujanika@gmail.com

ନଦୀ ସଂଯୋଗୀକରଣ ଏକ ଉଦ୍ଭଟ ପରିକଳ୍ପନା

ଡାକ୍ତର ବିପିନ ବିହାରୀ ତ୍ରିପାଠୀ

ମାନବ ସମେତ ସମଗ୍ର ପ୍ରାଣୀ ଓ ଉଦ୍ଭିଦ ଜଗତ ପାଇଁ ଜଳ ଯେ ଏକ ଅତ୍ୟାବଶ୍ୟକ ସାମଗ୍ରୀ, ଏଥିରେ କାହାରି ଅବକାଶ ନାହିଁ। ଜୀବଜଗତର ଜୀବନଧାରଣ ପାଇଁ ଏକାନ୍ତ ଆବଶ୍ୟକ ଏହି ଜଳ ପ୍ରକୃତିର ଏକ ଅମୂଲ୍ୟ ବରଦାନ । ବାରିଧାରା ରୂପେ ଭୂପୃଷ୍ଠରେ ପତିତ ଏହି ଜଳକୁ ପର୍ଯ୍ୟାପ୍ତ ମାତ୍ରାରେ ଭୂଗର୍ଭରେ ସଞ୍ଚିତ କରି ମୃତ୍ତିକାର ଆଦ୍ରତା ସୃଷ୍ଟି ମାଧ୍ୟମରେ ବ୍ୟାପକ ଜଙ୍ଗଲ ସୃଷ୍ଟି ଓ ବୃଷ୍ଟି ମାଧ୍ୟମରେ ସମଗ୍ର ମାନବ ସମାଜ ସମାଜକୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ପ୍ରକୃତିର ଏକ ମହତ ଅବଦାନ। ନିଜ ଜୀବନ ରକ୍ଷା ଯେପରି ପ୍ରତି ନାଗରିକର ମୌଳିକ ଅଧିକାର, ପ୍ରକୃତିଦତ୍ତ ଜଳ ଉପରେ ଅଧିକାର ମଧ୍ୟ ପ୍ରତି ନାଗରିକର ମୌଳିକ ଅଧିକାରଭୁକ୍ତ ହେବା ଉଚିତ୍, କିନ୍ତୁ ଆମ ସମ୍ବିଧାନ ଜଳକୁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ରୂପେ ସ୍ୱୀକୃତି, କିନ୍ତୁ ମୌଳିକ ଅଧିକାରର ସ୍ୱୀକୃତି ଦେଇନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଯୋଗୁଁ ସମ୍ପ୍ରତି ସାରା ବିଶ୍ୱ ଏକ ବିସ୍ଫୋରକ ଅବସ୍ଥାରେ ଉପନୀତ ହୋଇଛି । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧିକୁ ସମାନ ତାଳଦେଇ ବିପରିତ ଗତିରେ ସଂଗଠିତ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁଁ ହିଁ ଜଳବୃଷ୍ଟି ମାତ୍ରା ହ୍ରାସ ପାଇବାରେ ଲାଗିଛି। ବ୍ୟାପକ ଜଙ୍ଗଲ କ୍ଷୟର କୁପରିଣାମ ସ୍ୱରୂପ ଭୂତଳ ଜଳସ୍ତର ମଧ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏପରି ପରିସ୍ଥିତିରେ ଆଗାମୀ ଦିନରେ ଦେଶସାରା ଏହି ଜଳକଷ୍ଟ ଅତି ଉଗ୍ର ରୂପ ଧାରଣ କରିବା ସୁନିଶ୍ଚିତ । ଖୋଦ ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ବିଶ୍ୱର ଅନେକ ନେତୃବର୍ଗ ଆଗାମୀ ଦିନରେ ଜଳକୁ ଆଧାର କରି ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବା ଆଶଙ୍କା ପ୍ରକଟ କରୁଛନ୍ତି । ଆଗାମୀ ଦିନମାନଙ୍କରେ ଉତ୍କଟ ଜଳାଭାବକୁ ଆଖିରେ ରଖି ବିଶ୍ୱର ବହୁଦେଶ ନିଜ ଜଳ ସମ୍ପଦର ବ୍ୟାପକ ସଂରକ୍ଷଣ ଓ ସୁପରିଚାଳନା ପାଇଁ ନାନା କୌଶଳ ତଥା କାର୍ଯ୍ୟକ୍ରମ ମାନ ଆରମ୍ଭ କରି ସାରିଛନ୍ତି।

ଆମ ଦେଶର ଜଳସମ୍ପଦ ଦିଗକୁ ବିଚାରକଲେ ସାରାଦେଶରେ ବରଫପାତ ସହିତ ସର୍ବମୋଟ ୪୦୦୦ ମହାପଦ୍ମ (୧ ଶହ କୋଟି ୧ ମହାପଦ୍ମ) ଘନମିଟର ଜଳ ହାରାହାରି ବାର୍ଷିକ ବୃଷ୍ଟିପାତ ହୋଇଥାଏ। ଭୂପୃଷ୍ଠରୁ ଅସମତା ଓ ଅନ୍ୟାନ୍ୟ ଭୌଗୋଳିକ କାରଣ ଯୋଗୁଁ ଏହି ବିଶାଳ ବୃଷ୍ଟିଜଳରୁ ହାରାହାରି ଏକ ଚତୁର୍ଥାଂଶ ମାତ୍ର ଆମ ବ୍ୟବହାରକୁ ଆସି ବାକିତକ ବିଭିନ୍ନ ନଦୀସ୍ରୋତ ଦେଇ ସମୁଦ୍ରଗର୍ଭରେ ଲୀନ ହୁଏ । ଏହି ଜଳ ସମ୍ବଳତକ ହିଁ ସାରାଦେଶର ଭୂପୃଷ୍ଠ ଓ ଭୂଗର୍ଭରେ ସଞ୍ଚିତ ହୋଇ ବର୍ଷତମାମ ସାରା ଦେଶବାସୀଙ୍କୁ ପାନୀୟ ଓ ଜଳସେଚନ ଆବଶ୍ୟକତା ମେଣ୍ଟାଇଥାଏ । ଦେଶର ବିଭିନ୍ନ ପ୍ରାନ୍ତ ଓ ବର୍ଷର ବିଭିନ୍ନ ସମୟରେ ଏହି ଜଳ ଉପଲବ୍ଧିରେ ମଧ୍ୟ ଆକାଶ ପାତାଳ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବର୍ଷା ଋତୁର ତିନି ବା ଚାରିମାସ ଦେଶର ପଶ୍ଚିମାଞ୍ଚଳରେ କେବଳ ୧୦ ସେ.ମି. ବୃଷ୍ଟିପାତ ହେବା ସ୍ଥଳେ ପୂର୍ବାଞ୍ଚଳ ମେଘାଳୟ ପ୍ରଦେଶର

Digitized by srujanika@gmail.com

ଚେରାପୁଞ୍ଜିଠାରେ ୧୦୦ ସେ.ମି. ବା ତଦୁର୍ଦ୍ଧ ବୃଷ୍ଟିପାତ ପରିଲକ୍ଷିତ ହୁଏ । ଆମ ଦେଶର ହାରାହାରି ଏକ ତୃତୀୟାଂଶ ଅଞ୍ଚଳ ମରୁଡ଼ିପ୍ରବଣ ହୋଇଥିବା ସ୍ଥଳେ ପ୍ରତିବର୍ଷ ହାରାହାରି ଦେଶର ନଅ ନିୟୁତ ହେକ୍ଟର ବନ୍ୟା ପ୍ରପୀଡ଼ିତ ହୋଇଥାଏ । 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ' ଉକ୍ତିଟି ଏକାନ୍ତ ବାସ୍ତବ । ଏପରି ଅବସ୍ଥାରେ ଆମ ଦେଶର ଜଳନୀତି ଦେଶର ବନ୍ୟା ଓ ମରୁଡ଼ି ଅବସ୍ଥାର ନିରାକରଣ ସାଙ୍ଗକୁ ପରିବେଶ ସୁରକ୍ଷା, ଯୋଜନା ବିସ୍ଥାପିତ ଜନସାଧାରଣଙ୍କ ପୁନଃସଂସ୍ଥାନ, ଜନସ୍ୱାସ୍ଥ୍ୟ, ପଶୁସମ୍ପଦ, ସାମାଜିକ ଓ ଅର୍ଥନୈତିକ ବିକାଶର ଦୃଢ଼ ଭିତ୍ତିଭୂମି ଉପରେ ଆଧାରିତ ହେବା ଏକାନ୍ତ ଆବଶ୍ୟକ । ଜଳ ବୃଷ୍ଟି ଉପରେ ଆମର କୌଣସି କର୍ତ୍ତୃତ୍ୱ ନଥାଇପାରେ, କିନ୍ତୁ ବୃଷ୍ଟିଜଳର ସଂରକ୍ଷଣ ଓ ସୁପରିଚାଳନା ଆମ ଏକାନ୍ତ କର୍ତ୍ତବ୍ୟ । ତେଣୁ ସାରା ଦେଶବାସୀଙ୍କ ସ୍ୱାର୍ଥକୁ ଆଖିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସମଗ୍ର ଜଳ ସମ୍ପଦର ସୁପରିଚାଳନା ପାଇଁ ଏକ ସୁଚିନ୍ତିତ ଓ ସୁସଂଗଠିତ ଯୋଜନା ଅନୁସୃତ ହେବା ଆବଶ୍ୟକ ।

ଗତ କିଛିଦିନ ଧରି ଶୁଣିବାକୁ ମିଳୁଛି ଯେ ଆମ ସରକାର ବାହାଦୁର ସର୍ବମୋଟ ୯୦୦୦ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ୩୧ ଗୋଟି ସଂଯୋଗୀ କେନାଲ ମାଧ୍ୟମରେ ସାରା ଦେଶର ୩୭ ଗୋଟି ବଡ଼ ବଡ଼ ନଦୀର ସଂଯୋଗକରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ପୁଣି ଶୁଣିବାକୁ ମିଳେ ଯେ ଏପରି ଏକ ବୃହତ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରାଥମିକ ସ୍ତରରେ ପାଞ୍ଚ ଲକ୍ଷ ଅଶି ହଜାର କୋଟି ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି ଓ ପରବର୍ତ୍ତୀ କାଳରେ ଏହି ଖର୍ଚ୍ଚ ଅଟକଳ ବୃଦ୍ଧି ପାଇ ଦଶଲକ୍ଷ କୋଟି ପର୍ଯ୍ୟନ୍ତ ହୋଇପାରେ । ଏହି ଅସୁମାରୀ ଅର୍ଥରାଶି ବିଶ୍ୱବ୍ୟାଙ୍କ ଯୋଗାଇ ଦେବାକୁ ସମ୍ମତ ଥିବା ଶୁଣିବାକୁ ମିଳେ । କଥାଟି ଯଦି ସତ୍ୟ, ତେବେ ନିଶ୍ଚିତରେ ସାଂଘାତିକ । କାରଣ ଏପରି ଅବସ୍ଥାରେ ଆମ ଦେଶର ପ୍ରତି ନାଗରିକର ମୁଣ୍ଡପିଛା, ଏପରିକି ମାତୃ ଗର୍ଭରୁ ଭାରତମାଟିରେ ଭୂମିଷ୍ଠ ଗୋଟିଏ ନବଜନ୍ମିତ ଶିଶୁର ମୁଣ୍ଡରେ କେବଳ ଏହି ଯୋଜନା ଖର୍ଚ୍ଚ ବାବଦକୁ ପଚାଶ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣଭାର ତା' ଅଜାଣତାରେ ପଡ଼ିସାରିଥିବ । ଭାରତମାତାର ଏକ କୃତି ସନ୍ତାନଟି ଯୌବନର ଉନ୍ମାଦନାରେ ଦେଶ ମାତୃକାର ସେବା ପାଇଁ ପ୍ରବଳ ଉଦ୍ଦୀପନା ସହକାରେ ଲମ୍ଫ ଦେବା ବେଳକୁ ବିଶ୍ୱବ୍ୟାଙ୍କ ଓ ତା' କାରପଟଦାର ବହୁଦେଶୀୟ କମ୍ପାନୀମାନେ ସେତେବେଳେ ବେତ ଉଠେଇ ମୁହଁ ମୁହେଁ ମୁହେଁ ତାକୁ ଶୁଣେଇ ଦେବେ ଯେ ସେଇ ସ୍ୱାଧୀନ ଭାରତର ସନ୍ତାନଟି ତା' ଜନ୍ମବେଳୁ ଋଣଭାରରେ କ୍ରୀତଦାସ ହୋଇସାରିଛି । ଏ ଦେଶର ନଈନାଳ କି ପୋଖରୀର ଟୋପାଏ ଜଳ ଉପରେ ଆଉ ତା'ର ଅଧିକାର ନାହିଁ, ଏ ସବୁଥିର ଅଧିକାରୀ କେବଳ ବିଶ୍ୱବ୍ୟାଙ୍କ ଓ ତାର କାରପଟ୍‌ଦାର ବହୁଦେଶୀୟ କମ୍ପାନୀ । ସ୍ୱାଧୀନତାର କୁହାଟ ମାରିବାକୁ ଯଦି ଏତେ ମନ, ତେବେ ଆମ ଋଣତକ ପ୍ରଥମେ ପରିଶୋଧ କରିଦିଅ । ଏବେ ଦେଖିବା ବେଳକୁ ଚକ୍ରବୃଦ୍ଧି ହାରେ ବଢ଼ି ବଢ଼ି ପ୍ରାଥମିକ ସ୍ତରର ତା ମୁଣ୍ଡର ଲକ୍ଷେ ଟଙ୍କା ଋଣଭାରଟି ବହୁଗୁଣିତ ହୋଇ ତା' ଆୟତ୍ତ ବାହାରକୁ ଚାଲି ଯାଇଛି । ସ୍ୱାଧୀନ ଦେଶର ବୀର ସନ୍ତାନଟି ସବୁ ଉତ୍ସାହ ଉଦ୍ଦୀପନାକୁ ସେଇଠି ଜଳାଞ୍ଜଳି ଦେଇ ବ୍ୟର୍ଥ ମନୋରଥରେ ଘରକୁ ଫେରି

Digitized by srujanika@gmail.com

ଆସିବ, ହେଲେ ଘରେ ବି ତାକୁ ଟିକିଏ ଶାନ୍ତି ନାହିଁ, ଢକ୍ ଢକ୍ କରି ପାଣି ଗ୍ଲାସଟିଏ ପିଇସାରି ଦେଖିବା ବେଳକୁ ସେ ପଟେ ପାଣିମିଟରରେ ଏକଶତ ମୁଦ୍ରାର ବିଲ୍ ଉଠିସାରିଛି ।

ପ୍ରକୃତିର ନିୟମ ଅଲଂଘ୍ୟ, ଏହି ନିୟମ ଲଂଘନ କଲେ ସୁଦୂରପ୍ରସାରୀ ପରିଣତି ଅତି ଭୟାବହ । ଜଳ ଉପରୁ ତଳକୁ ଗଡ଼ିବା ହେଉଛି ପ୍ରକୃତିର ଧରାବନ୍ଧା ନିୟମ, ତାକୁ ତଳୁ ଉପରକୁ ଉଠାଇବା ଉଦ୍ୟମ କଲେ 'ଛ' ଟଙ୍କା ଘୋଡ଼ାକୁ ନ' ଟଙ୍କା ଦାନା' ସାଙ୍ଗକୁ 'ଦିଲ୍ଲୀରୁ ଦୌଲତାବାଦ ଓ ପୁଣି ଦୌଲତାବାଦ'ରୁ ଦିଲ୍ଲୀ' ଭଳି ଅପଦସ୍ଥ ଭୋଗିବା ସୁନିଶ୍ଚିତ । ନଦୀ ସଂଯୋଗୀକରଣ ନାଆଁରେ ଦେଶଟାକୁ ଛିନ୍ନଛିନ୍ନ କଞ୍ଚରି ଧ୍ୱଂସ କରି ଦେବା କାହାରି ଅଧିକାର ନାହିଁ । ଏ ଦେଶ ଶହେ କୋଟି ଜନତାର ଦେଶ, କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଯେ ନିଜ ମର୍ଜି ମୁତାବକ ଯା' ମନ ତା' କରିଯିବ । ଏ ଦେଶର ଭରପୁର ପ୍ରାକୃତିକ ସଂପଦ ଉପରେ ଚକ୍ରାନ୍ତକାରୀ ବିଦେଶୀ ପୁଞ୍ଜିବାଦୀଙ୍କ ଲୋଲୁପ ଦୃଷ୍ଟି ପଡ଼ି ତାଙ୍କ ପାଟିରୁ ନାଳ ଗଢୁଛି । ମଉକାଉଣ୍ଡି ଲୋଲୁପ ଦୃଷ୍ଟି ପଡ଼ି ତାଙ୍କ ପାଟିରୁ ନାଳ ଗଢୁଛି । ମଉକାଉଣ୍ଡି ଝାମ୍ପ ମାରିବାକୁ ସେମାନେ ଛଞ୍ଚାଣ ଭଳି ଚାହିଁ ବସିଛନ୍ତି । ତେଣୁ ବିଶ୍ୱବ୍ୟାଙ୍କ ଓ ବହୁଦେଶୀୟ କମ୍ପାନୀର ଚକ୍ରାନ୍ତରେ ନଦୀ ସଂଯୋଗୀକରଣ ଭଳି ଉଦ୍ଭଟ ପରିକଳ୍ପନାକୁ ପରିହାର କରି ଆମ ସରକାର ବାହାଦୂର ଜଳ ସଂରକ୍ଷଣ ପାଇଁ ବାସ୍ତବ ଓ ଯୁଗୋପଯୋଗୀ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ସହିତ ବ୍ୟାପକ, ଜଙ୍ଗଲ ସୃଷ୍ଟି ସାଙ୍ଗକୁ ବର୍ଷାଜଳ ଅମଳ ପାଇଁ ପ୍ରାଚୀନ କାଳରୁ ଅନୁସୃତ ଆମ ଦେଶର ପାରମ୍ପରିକ ବନ୍ଧ, କଟା, ମୁଣ୍ଡା ଖନନ ଦ୍ୱାରା ହିଁ ଏ ସମସ୍ୟାର ସମାଧାନ ସମ୍ଭବପର । ନଦୀ ସଂଯୋଗୀକରଣ ଭଳି ଉଦ୍ଭଟ ଓ ଅପ୍ରାକୃତିକ କାର୍ଯ୍ୟକ୍ରମ ପରିବର୍ତ୍ତେ ଏପରି ଏକ ନିର୍ଭରଯୋଗ୍ୟ କାର୍ଯ୍ୟକ୍ରମରେ ଖର୍ଚ୍ଚ ଅତିନ୍ୟୁନ ପଡ଼ିବ ଓ ସବୁଠାରୁ ବଡ଼କଥା, ଆମ ଏ ମହାନ୍ ଦେଶଟି କାହାରି ହାତରେ ବନ୍ଧା ପଡ଼ିଯିବ ନାହିଁ । ସରକାରଙ୍କ ଏପରି ଉଦ୍ଭଟ ପରିକଳ୍ପନାକୁ ବିରୋଧ କରି ଦେଶବ୍ୟାପି ସ୍ୱର ଉତ୍ତୋଳନ ଏକାନ୍ତ ପ୍ରୟୋଜନ ।

'ଆମ୍ରପଲ୍ଲୀ', ମୁଦିପଡ଼ା, ସମ୍ବଲପୁର

Digitized by srujanika@gmail.com

ମହାନଦୀରେ ଦ୍ୱିତୀୟବନ୍ଧ ନିର୍ମାଣ କଳ୍ପନା ଅବାନ୍ତର

ଇଂ କରୁଣାକର ସୁପକାର

ଓଡ଼ିଶାର ଅଧିକାଂଶ ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିଲା । ୨୩ଟି ଜିଲ୍ଲା ପ୍ରଭାବିତ ହେଲା । ୫୦ରୁ ଉର୍ଦ୍ଧ୍ୱ ଲୋକ ମଲେ । ଯେଉଁ ଅଞ୍ଚଳରେ କେବେହେଲେ ବନ୍ୟା ହେଉନଥିଲା, ସେହି ଅଞ୍ଚଳ ମଧ ବନ୍ୟାପ୍ଲାବିତ ହେଲା । ଦୁଃଖ ଦୁର୍ଦ୍ଦଶାର ସୀମା ରହିଲା ନାହିଁ । ଲୋକଙ୍କର ଏହି ବିପନ୍ନ ଅବସ୍ଥାରେ, କେତେକ ଇଞ୍ଜିନିୟର ତଥା ନଦୀବନ୍ଧ ବିଶାରଦ କୁଆଡ଼େ ସ୍ୱର ଉତ୍ତୋଳନ କଲେଣି ଯେ ମହାନଦୀର ତଳମୁଣ୍ଡରେ ଆଉ ଏକ ଜଳଭଣ୍ଡାର ଆବଶ୍ୟକତା ଦେଖାଦେଲାଣି । କାରଣ କେବଳ ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ କରିବାକୁ ସକ୍ଷମ ନୁହେଁ । ସେମାନଙ୍କ ମତରେ ଆଉ ଏକ ବନ୍ଧ ନିର୍ମାଣ ହେଲେ ମହାନଦୀର ବନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ସମ୍ଭବ ହେବ । କିନ୍ତୁ କେହି ସ୍ପଷ୍ଟଭାବେ ପ୍ରକାଶ କରୁ ନାହାନ୍ତି ଯେ ନଦୀବନ୍ଧ କେଉଁଠି ହେବ ।

୧୯୪୭ ନଦୀବନ୍ଧ ଯୋଜନା ବିବରଣୀ ଅନୁସାରେ ମହାନଦୀ ଉପରେ ହୀରାକୁଦ, ଟିକରପଡ଼ା ଓ ନରାଜ ଏହିପରି ତିନୋଟି ସ୍ଥାନରେ ଜଳଭଣ୍ଡାର ନିର୍ମାଣର ସରକାରୀ ସ୍ୱୀକୃତି ମିଳିଲା, କିନ୍ତୁ କେବଳ ହୀରାକୁଦରେ ବନ୍ଧ ନିର୍ମାଣ ହେଲା । ନରାଜ ବା ଟିକରପଡ଼ାରେ ଜଳଭଣ୍ଡାର ପ୍ରତିଷ୍ଠା ହୋଇ ପାରିଲା ନାହିଁ । ୧୯୬୪ ମସିହାରେ ଜବାହାରଲାଲ ନେହେରୁ ଟିକରପଡ଼ାଠାରେ ଜଳଭଣ୍ଡାର ପ୍ରତଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଅଥଚ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଯୋଗୁଁ ଟିକରପଡ଼ା ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । କାରଣ ଏହି ବନ୍ଧ ଯୋଗୁଁ ୧୨ ଶହ ଗ୍ରାମ ସହିତ ବୌଦ୍ଧ, ସୁବର୍ଣ୍ଣପୁର, ଆଠମଲ୍ଲିକ ସହର ସମେତ ହଜାର ହଜାର ଏକର ଜମି ବୁଡ଼ିଯାଇଥାନ୍ତା । ୧୯୮୫ରେ ମଣିଭଦ୍ରା ଯୋଜନା ପ୍ରସ୍ତୁତ ହେଲା । ଏହି ଯୋଜନାରେ ବୌଦ୍ଧ, ସୁବର୍ଣ୍ଣପୁର ଓ ଆଠମଲ୍ଲିକ ସହରକୁ ବନ୍ଧଦ୍ୱାରା ସୁରକ୍ଷିତ କରିବାର ବ୍ୟବସ୍ଥା ଥିଲା । ୨୭୩ଟି ଗ୍ରାମ ବୁଡ଼ିଯାଇଥାନ୍ତା । ତୀବ୍ର ଆନ୍ଦୋଳନ ଯୋଗୁଁ ମଣିଭଦ୍ରା ଯୋଜନା ମଧ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

୧୯୪୭ ନଦୀବନ୍ଧ ଯୋଜନା ବିବରଣୀ ଅନୁସାରେ ନଦୀବନ୍ଧ ନିର୍ମାଣ ପାଇଁ ହୀରାକୁଦ, ଟିକରପଡ଼ା ବ୍ୟତୀତ ଅନ୍ୟସ୍ଥାନ ଥିଲା ନରାଜ । ମୂଳ ଯୋଜନା ଅନୁସାରେ ନରାଜ ଠାରେ ଦ୍ୱିତୀୟ ବନ୍ଧ ହେଉ ବୋଲି କେହି ପାଟି ଫିଟେଇ କହି ପାରୁନାହାନ୍ତି ।

ମହୀଶୁର ରାଜ୍ୟର ଇଂ ଏମ୍.ଜି. ରଙ୍ଗୟା ନିମନ୍ତ୍ରିତ ହୋଇ ୧୯୪୬ ମସିହା ଡିସେମ୍ବର ମାସରେ ସମ୍ବଲପୁର ଗସ୍ତରେ ଆସିଥିଲେ । ଅଧ୍ୟୟନ ପରେ ଇଂ ରଙ୍ଗୟା ମତ ଦେଇଥିଲେ ଯେ ବନ୍ୟା ନିୟନ୍ତ୍ରଣ ସକାଶେ ହୀରାକୁଦ ଉପଯୁକ୍ତ ସ୍ଥାନ ନୁହେଁ । ତାଙ୍କ ମତରେ ନରାଜଠାରେ ବନ୍ଧ ନିର୍ମାଣ କରି ବନ୍ୟା ନିୟନ୍ତ୍ରଣ କରିବା ସମ୍ଭବ । ବିଦେଶରୁ ନିମନ୍ତ୍ରିତ ନଦୀବନ୍ଧ ବିଶାରଦ ଇଂ ଜେ. ଏଲ୍. ସେଭେଜ ଏବଂ ବିଶାରଦ ଡା. ଅଯୋଧାନାଥ ଖୋସଲା ମଧ ଇଂ ରଙ୍ଗୟାଙ୍କ ରିପୋର୍ଟ

Digitized by srujanika@gmail.com

ଅନୁଧ୍ୟାନ କରିଥିଲେ । ୧୯୪୭ ଯୋଜନା ବିବରଣୀରେ ୩୩୮ ପୃଷ୍ଠାରେ ରିପୋର୍ଟ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ସମ୍ଭବତଃ ସରକାରଙ୍କ ଚାପରେ ଡଂ ରଙ୍ଗେୟାଙ୍କ ରିପୋର୍ଟ ଉପରେ ଗୁରୁତ୍ୱ ଦିଆଗଲା ନାହିଁ ।

ହୀରାକୁଦ ବନ୍ଧ ନିର୍ମାଣ ହେବା ପୂର୍ବରୁ ଉପକୂଳ ଅଞ୍ଚଳରେ ବନ୍ୟାର ଯେଉଁ ପ୍ରକୋପ ଥିଲା, ଏବେ ବି ସେଇୟା ଅଛି । ହୀରାକୁଦ ବନ୍ଧ ନିର୍ମାଣରେ ଚାରିବର୍ଷ ପରେ ୧୯୬୧ ରେ ପ୍ରବଳ ବନ୍ୟା ହେଲା । ସମ୍ପ୍ରତି କେତେକ ବ୍ୟକ୍ତିଙ୍କ ମନରେ ସନ୍ଦେହ ଜାତ ହେଉଛି ଯେ ଗତ ୫୦ ବର୍ଷରେ ପଟୁମାଟି ଭର୍ତ୍ତି ହୋଇଯିବା ଯୋଗୁଁ ବନ୍ୟା ନିୟନ୍ତ୍ରଣ ହୋଇପାରୁନାହିଁ । ବନ୍ଧ ନିର୍ମାଣର ଅଳ୍ପ ସମୟ ମଧ୍ୟରେ ୧୯୬୧ରେ କ'ଣ ଏତେ ପଟୁମାଟି ଭର୍ତ୍ତି ହୋଇଗଲା ? ପ୍ରକୃତରେ ନଦୀବନ୍ଧ ପାଇଁ ହୀରାକୁଦ ଉପଯୁକ୍ତ ସ୍ଥାନ ନଥିଲା । ହୀରାକୁଦ ବନ୍ଧ ସମ୍ପୂର୍ଣ୍ଣ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ନଥିଲା । ନିମ୍ନଲିଖିତ କାରଣ ବିଚାରଯୋଗ୍ୟ ।

ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ବନ୍ୟା ନିୟନ୍ତ୍ରଣ ସକାଶେ ଆରମ୍ଭରୁ ଯଥେଷ୍ଟ ନଥିଲା । ପଟୁମାଟି ଭର୍ତ୍ତି ହେବା ଯୋଗୁଁ ଏବେ ଆହୁରି କମୁଛି । ହୀରାକୁଦର ଜଳଧାରଣ କ୍ଷମତା ବାର୍ଷିକ ହାରାହାରି ଜଳ ପ୍ରବେଶ କ୍ଷମତାର କେବଳ ୧୬ ପ୍ରତିଶତ । ଅନ୍ୟାନ୍ୟ ଜଳଭଣ୍ଡାର ତୁଳନାରେ ଯଦିଓ ହୀରାକୁଦ ଜଳଭଣ୍ଡାର ବହୁତ ବଡ଼, ବାସ୍ତବରେ ନିଜର ଅବବାହିକା ପାଇଁ ଏହା ଅତି ଛୋଟ । ହୀରାକୁଦ ଅବବାହିକାରେ ହାରାହାରି ୧୫ ସେ.ମି. (୬ ଇଞ୍ଚ) ବୃଷ୍ଟିପାତରେ ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣ ହୋଇଯିବ ।

ହୀରାକୁଦ ବନ୍ଧର ଦୀର୍ଘ ୨୫.୮ କିଲୋମିଟର । ବନ୍ଧର ଦୈର୍ଘ୍ୟ ଜଳଧାରଣ କ୍ଷମତାରେ ସହାୟକ ନୁହେଁ । ଏହି ଜଳଭଣ୍ଡାରର ଗଭୀରତା ୧୩୦ ଫୁଟ ହୋଇଥିବା ସ୍ଥଳେ କେବଳ ୪୦ ଫୁଟ ଜଳ ବ୍ୟବହୃତ ହୁଏ । ଉପରୋକ୍ତ କାରଣରୁ ଏହି ସ୍ଥାନ ନଦୀବନ୍ଧ ଯୋଜନା ପାଇଁ ଉପଯୁକ୍ତ ସ୍ଥାନ ନୁହେଁ । ସୂଚନାଯୋଗ୍ୟ ଯେ, ହୀରାକୁଦ ବନ୍ଧ ଯୋଜନା ଦ୍ୱାରା ଖରିଫ ଋତୁରେ ୧.୫୬ ଲକ୍ଷ ହେକ୍ଟର ଓ ରବି ଋତୁରେ ୧.୦୮ ଲକ୍ଷ ହେକ୍ଟର (ବାର୍ଷିକ ସମୁଦାୟ ୨.୬୪ ଲକ୍ଷ ହେକ୍ଟର) ଜମି ଜଳସେଚିତ ହେଉଛି । ଏହି ଜଳସେଚିତ ଅଞ୍ଚଳ ଜଳ ଭଣ୍ଡାରରେ ବୁଡ଼ିଥିବା ଜମିର ପ୍ରାୟ ସାଢ଼େ ତିନିଗୁଣ । ଅନ୍ୟାନ୍ୟ ବନ୍ଧ ଯୋଜନାରେ ଜଳସେଚନ ପ୍ରାୟ ୫ ଗୁଣ ବା ତହିଁରୁ ଅଧିକ ହୋଇଥାଏ ।

ସମ୍ବାଦପତ୍ର ମାଧ୍ୟମରେ ହୀରାକୁଦ ବନ୍ଧ ଯୋଜନା ଯୋଗୁଁ ଜଳସେଚିତ ଅଞ୍ଚଳ ଜିଲ୍ଲାଗୁଡ଼ିକରେ ପ୍ରଗତି ହୋଇଛି ବୋଲି ଚର୍ଚ୍ଚା ହେଉଛି । ଏକ ଇଂରାଜୀ ସମ୍ବାଦପତ୍ରରେ ସମ୍ବଲପୁର, ବରଗଡ଼ ଓ ସୁବର୍ଣ୍ଣପୁରକୁ ହରିଆନା ଓ ପଞ୍ଜାବ ସହିତ ତୁଳନା କରାଯାଇଛି । ଏହା ହାସ୍ୟାସ୍ପଦ ନୁହେଁ କି ? ଉଲ୍ଲେଖଯୋଗ୍ୟ ଯେ ହୀରାକୁଦ ବନ୍ଧର ନିଷ୍କାସିତ ଜଳ ମାଧ୍ୟମରେ ମହାନଦୀ ଡେଲଟା ଅଞ୍ଚଳରେ ମଧ୍ୟ ଜଳସେଚନ କରାଯାଏ । ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ପ୍ରଫୁଲ୍ଲ ଘଡ଼େଇ ରିପୋର୍ଟ ଅନୁଧ୍ୟାନ କରାଯାଉ । ପ୍ରଫୁଲ୍ଲ ଘଡ଼େଇ ରିପୋର୍ଟ ଦ୍ୱାରା ପ୍ରମାଣିତ ହେଲା ଯେ ଆଦିବାସୀ ବହୁଳ ପଶ୍ଚିମାଞ୍ଚଳ ଅନୁନ୍ନତ ସେଥିପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରତିଷ୍ଠା ହେଲା । ଅବଶ୍ୟ

Digitized by srujanika@gmail.com

ଏହି ନାମ ଫଳକ ପରିଷଦ ମାଧ୍ୟମରେ ଏହି ଅଞ୍ଚଳର ବିକାଶ ସମ୍ଭବ ନୁହେଁ । ପ୍ରଫୁଲ୍ଲ ଘଡ଼େଇ ରିପୋର୍ଟରୁ ଜଣାପଡ଼େ ଯେ ଓଡ଼ିଶାର ୩୧୪ଟି ବ୍ଲକ ମଧ୍ୟରୁ ସୂଚୀ ଅନୁସାରେ ୭୫ଟି ବ୍ଲକ ବିକଶିତ । ଓଡ଼ିଶାର ୭୫ଟି ବିକଶିତ ବ୍ଲକ ମଧ୍ୟରୁ ୬୬ଟି ଉପକୂଳବବର୍ତ୍ତୀ ଜିଲ୍ଲାମାନଙ୍କରେ ଅଛି । ଅବିଭକ୍ତ କଟକ ଜିଲ୍ଲାରେ ବିକଶିତ ବ୍ଲକ ୩୩ଟି, ପୁରୀ ଜିଲ୍ଲାରେ ୨୨ଟି, ବାଲେଶ୍ୱର ଜିଲ୍ଲାରେ ୬ଟି, ଗଞ୍ଜାମ ଜିଲ୍ଲାରେ ୫ଟି ବିକଶିତ ବ୍ଲକ ଅଛି । ଅନ୍ୟପକ୍ଷରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ମାତ୍ର ୨ଟି, ସୁନ୍ଦରଗଡ଼ ଜିଲ୍ଲାରେ ମାତ୍ର ୩ଟି ବିକଶିତ ବ୍ଲକ ଅଛି । ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ଫୁଲବାଣୀ ଜିଲ୍ଲାମାନଙ୍କରେ ଗୋଟିଏ ସୁଦ୍ଧା ବିକଶିତ ବ୍ଲକ ନାହିଁ । ଯଦି ପ୍ରଗତି ହୋଇଛି, ତାହାହେଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, କେବିକେ ଯୋଜନା କାହିଁକି ଗଠିତ ହେଲା ? ଯାର ଉତ୍ତର କିଏ ଦେବ ? ହୀରାକୁଦ ବନ୍ଧ ଯୋଜନାର ବିସ୍ଥାପିତ ଲୋକଙ୍କୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇନାହିଁ । ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଜିଲ୍ଲାର ୩୫୪୦ଟି ପାଖାପାଖି ପରିବାର ଜମି ବାବଦରେ କ୍ଷତିପୂରଣ ପାଇନାହାନ୍ତି । ଏହା କ'ଣ ହୀରାକୁଦ ବନ୍ଧର ସଫଳତାର ଆଉ ଏକ ନମୁନା ?

ମହାନଦୀରେ ଦ୍ୱିତୀୟ ବନ୍ଧ ନିର୍ମାଣ କଲେ ମଧ୍ୟ ସମ୍ପୂର୍ଣ୍ଣ ବନ୍ୟା ନିୟନ୍ତ୍ରଣ ହୋଇ ପାରିବ ନାହିଁ । ବୃହତ୍ ନଦୀବନ୍ଧ ଯୋଜନାରେ ବହୁ ସ୍ଥାନୀୟ ଅଧିବାସୀ ବାସଚ୍ୟୁତ ହୁଅନ୍ତି ଓ ଦୁଃଖ ଦୁର୍ଦ୍ଦଶା ଭୋଗ କରନ୍ତି । ଏଥିପାଇଁ ପାରିପାର୍ଶ୍ୱିକ ପରିବେଶର ଯଥେଷ୍ଟ କ୍ଷତି ହୁଏ । ଓଡ଼ିଶାକୁ ବନ୍ଧମୟ କଲେ ମଧ୍ୟ ସମ୍ପୂର୍ଣ୍ଣ ବନ୍ୟା ନିୟନ୍ତ୍ରଣ ହୋଇପାରିବ ନାହିଁ । ଏ ସବୁ କାରଣ ଯୋଗୁଁ ବୃହତ୍ ନଦୀବନ୍ଧ ଯୋଜନା ଗ୍ରହଣୀୟ ନୁହେଁ । ପତ୍ରପତ୍ରିକାରେ ଲେଖାମାନ ପ୍ରକାଶ କରିବା ଦ୍ୱାରା ଜନସାଧାରଣଙ୍କୁ ଏକ ଆନ୍ଦୋଳନାତ୍ମକ ପନ୍ଥା ଅନୁସରଣ କରିବାକୁ ପ୍ରବର୍ତ୍ତା ଯାଉଛି । ଏଥିରୁ ସେମାନେ କ୍ଷାନ୍ତ ହେବା ଉଚିତ୍ ।

ବୁଢ଼ାରଜା, ସମ୍ବଲପୁର

Digitized by srujanika@gmail.com

ଆ ବନ୍ଦର ବିଜ୍ଞ ମତେ

ନଦୀ ସଂଯୋଗରେ ନଦୀବନ୍ଧ ବନାମ ବନ୍ୟା ନିୟନ୍ତ୍ରଣ

ପ୍ରଫୁଲ୍ଲ ସାମନ୍ତରା

ରାଷ୍ଟ୍ରପତିଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଥିବା ନଦୀଗୁଡ଼ିକୁ ଯୋଡ଼ି ଜଳ ମିସନର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଜନ ସ୍ୱାର୍ଥମାମଲାକୁ ଶୁଣାଣି କରି ସୁପ୍ରିମକୋର୍ଟ ଏଥିରେ ଦେଶର ସମସ୍ତ ରାଜ୍ୟମାନଙ୍କୁ ନୋଟିସ ହୋଇଥିଲା । କେବଳ ତାମିଲନାଡୁ ହିଁ ଜବାବ ଦାଖଲ କରି ସମର୍ଥନ ଜଣାଇଥିଲା । ଯେହେତୁ ନଦୀ ସଂଯୋଗ ଯୋଜନାରୁ ସେହି ରାଜ୍ୟ ସର୍ବାଧିକ ହିତାଧିକାରୀ ହେବ । ଅନ୍ୟ ୨୪ ଗୋଟି ରାଜ୍ୟ ହଁ କିମ୍ବା ନାହିଁ କରି ଉତ୍ତର ଦେଇନାହାନ୍ତି, କିନ୍ତୁ କୋର୍ଟ ଧରି ନେଲେ ଯେ ମୌନ ସମ୍ମତି ଲକ୍ଷଣଂ । ଏହାକୁ ଏକ ସର୍ବସମ୍ମତି ବୋଲି କୋର୍ଟ କିମ୍ବା ଯେକୌଣସି ଅନୁଷ୍ଠାନ ପାଇଁ ଭୁଲ ହେବ । ଯେତେବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁରେଶ ପ୍ରଭୁଙ୍କ ଅଧକ୍ଷତାରେ ଟାସ୍କ ଫୋର୍ସ ଗଠିତ ହୋଇ ବିଭିନ୍ନ ରାଜ୍ୟ ସରକାରମାନଙ୍କ ସହ ଆଲୋଚନା ଚାଲିଛି, ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଖୋଲାଖୋଲି ଭାବେ କେରଳ, ବିହାର, ପଶ୍ଚିମବଙ୍ଗ, ଆସାମ, ପଞ୍ଜାବ, ଛତିଶଗଡ଼ ଏବଂ ଗୋଆ ବିରୋଧ କରିବା ବେଳେ ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ନିଜ ନିଜ ରାଜ୍ୟରୁ ପାଣି ଯାଉଥିବା ନଦୀମାନଙ୍କର ସଂଯୋଗକୁ ବିରୋଧ କରୁଥିବା ବେଳେ ଯେଉଁ ନଦୀମାନଙ୍କରୁ ଜଳ ପାଇବେ ସେଗୁଡ଼ିକୁ ସମ୍ମତି ଦେବାକୁ ପ୍ରସ୍ତୁତ । କେବଳ ବିନା ସର୍ତ୍ତରେ ତାମିଲନାଡୁ ଓ ହରିଆନା ଏହି ଯୋଜନାକୁ ରାଜି ହେଉଛନ୍ତି କାରଣ ଏହି ରାଜ୍ୟରୁ ଜଳ ଯିବାର ନାହିଁ ବରଂ ବିଶେଷ ଲାଭବାନ ହେବେ । ଏପରି ସ୍ଥିତିରେ ସମସ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଜୁନ ୨୦୦୩ ସୁଦ୍ଧା କରିବା ପାଇଁ ଟାସ୍କଫୋର୍ସ ସମୟ ନିର୍ଦ୍ଧାରଣ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ ।

ଦକ୍ଷିଣର କେରଳ ରାଜ୍ୟ ସଂପୂର୍ଣ୍ଣଭାବେ ନିଜ ରାଜ୍ୟର ନଦୀ ସହ ତାମିଲନାଡୁ ନଦୀ ସହ ଯୋଡ଼ିବାକୁ ମନାକରି ଦେଇଛି । ପମ୍ପା ଆଚଙ୍କାଭିଲ-ଭାଇପର ନଦୀ ସଂଯୋଗକୁ ବିରୋଧ କରିବା ପାଇଁ ଏହା ଉପରେ କେନ୍ଦ୍ର ଓ ଅନ୍ୟ ରାଜ୍ୟର ହସ୍ତକ୍ଷେପକୁ ବାରଣ କରି ଏକ ବିଲ୍ କେରଳ ବିଧାନସଭାରେ ଗୃହୀତ ହୋଇଛି । କେରଳର ସମସ୍ତ ସାଂସଦ ଦଳଗତ ନିର୍ବିଶେଷରେ ଏକମତ ହୋଇ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତକରି ଏହି ନଦୀ ସଂଯୋଗ ପ୍ରସ୍ତାବକୁ ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି । ଯଦିଚ ଆସାମର ବ୍ରହ୍ମପୁତ୍ର ନଦୀରେ ହିଁ ବଳକା ଜଳ ଅଛି ବୋଲି ସମସ୍ତେ ଏକମତ ହେଲେ ମଧ୍ୟ ଆସାମବାସୀ ଭବିଷ୍ୟତ ପ୍ରତି ସଜାଗ ରହି ବ୍ରହ୍ମପୁତ୍ର ନଦୀରେ ମଧ୍ୟ ଆସନ୍ତା ଦିନମାନଙ୍କରେ ଜଳବାୟୁର ପରିବର୍ତ୍ତନ ଯୋଗୁଁ ଜଳର ଅଭାବ ଘଟିବ ବୋଲି କହୁଛନ୍ତି । ତେଣୁ ନଦୀ ସଂଯୋଗକୁ ବିରୋଧ କରିବା ପାଇଁ ଆସାମ ଛାତ୍ର ସଂଘ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଲେଣି ।

Digitized by srujanika@gmail.com

ଆସାମ ବିଜ୍ଞାନ ସମିତି କହୁଛି ଯେ ଏହାଦ୍ୱାରା ଆସାମର ବନ୍ୟା ନିୟନ୍ତ୍ରଣ ହେବନାହିଁ । ବରଂ ପରିବେଶଗତ, ଆର୍ଥିକ ଓ ସାମାଜିକ କ୍ଷତି ଅତ୍ୟଧିକ ହେବ । ବ୍ରିଟିଶ, ନେପାଳ ଓ ଭାରତର ଏକ ଆନ୍ତର୍ଜାତିକ ବୈଜ୍ଞାନିକ ଦଳ ହିମାଳୟର ଗ୍ଲେସିଅର ହାଇଡ୍ରୋଲଜି ଉପରେ ଗବେଷଣା କରି କହିଛନ୍ତି ଯେ ବିଶ୍ୱ ଉତ୍ତାପ ବୃଦ୍ଧି ଯୋଗୁଁ ହିମାଳୟର ବରଫ ଶଯ୍ୟା ତରଳି ଯାଉଥିବା ହାର ବୃଦ୍ଧି ପାଉଥିବା ଯୋଗୁଁ ୨୫ ବର୍ଷ ପରେ ବର୍ଷାଦିନ ବ୍ୟତୀରେକ ଗଙ୍ଗାରେ ମଧ ପାଣିର ଅଭାବ ରହିବ । ନଦୀ ସଂଯୋଗ ହୋଇଗଲେ ମଧ ଗଙ୍ଗାରୁ ପାଣି କାବେରୀ ପର୍ଯ୍ୟନ୍ତ ଯାଇ ପାରିବ ନାହିଁ । ଏହି ଅନିଶ୍ଚିତତା ଅତି ଗୁରୁତର । ସେହିପରି ହମବର୍ଗ ବିଶ୍ୱ ବିଦ୍ୟାଳୟ ଓ ଗୋଆସ୍ଥିତ ଜାତୀୟ ସାମୁଦ୍ରିକ ବିଜ୍ଞାନ ଅନୁଷ୍ଠାନ (National Institute of Ocenography)ର ମିଳିତ ଅନୁଧାନରେ କୁହାଯାଇଛି ଯେ ବଡ଼ ବଡ଼ ଡ୍ୟାମ ଓ ନଦୀମାନଙ୍କ ସ୍ରୋତକୁ ଏପଟ ସେପଟ କରି ଦିଗ ବଦଳାଇବାର କୁପରିଣାମ ସ ମୁଦ୍ରର ସ୍ଥିତି ଉପରେ ପଡ଼ିବ । ସମୁଦ୍ର ବାୟୁମଣ୍ଡଳର କାର୍ବନକୁ ହଜମ କରିବା ସାମର୍ଥ୍ୟ ହରାଇବ । ଫଳରେ ପୃଥିବୀର ଉତ୍ତାପ ବୃଦ୍ଧି ହେବ ଏବଂ ପୁଣି ସମୁଦ୍ରର ଉଚ୍ଚତା ବଢ଼ିବ ଓ ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ଅଧିକ ହେବ । ଏପରି ସ୍ଥିତିରେ ଗଙ୍ଗାର ଜଳକୁ ଉତ୍ତର ପ୍ରଦେଶ, ବିହାର ଓ ପଶ୍ଚିମ ବଙ୍ଗ ପରି ରାଜ୍ୟମାନେ ଗଙ୍ଗାରୁ ଜଳ ନେଇଯିବା ପାଇଁ କଦାପି ରାଜି ହେବେ ନାହିଁ ଏବଂ ଗଙ୍ଗାନଦୀ ମଧ ଏକ ସଂକଟ ଦେଇ ଗତି କରିବ । ବଙ୍ଗଳା ଦେଶ କଦାପି ଗଙ୍ଗା ଓ ବ୍ରହ୍ମପୁତ୍ରର ଜଳ କମିବା ପରି ପଦକ୍ଷେପରେ ରାଜିହେବେ ନାହିଁ । ନଦୀକୁ ନେଇ ଆନ୍ତର୍ଜାତିକ ଚୁକ୍ତିପତ୍ର ମଧ ରହିଛି । ସେହିପରି ଭୁଟାନ ଓ ନେପାଳ ମଧ ପ୍ରଭାବିତ ହେବେ ଆମ ଦେଶର ନଦୀମାନଙ୍କ ସଂଯୋଗରେ । ଏହି ଦେଶମାନେ କଦାପି ରାଜିହେବେ ନାହିଁ । ଗୁଜରାଟ ରାଜ୍ୟ ମଧ ମହାରାଷ୍ଟ୍ରକୁ ପାଣି ଯିବାକୁ ଥିବା ଡ଼ାମନ ଗଙ୍ଗା-ପିଞ୍ଜଲ ନଦୀ ସଂଯୋଗକୁ ଘୋର ବିରୋଧ କରୁଛି ।

ମେ ୨୩ ତାରିଖରେ କେନ୍ଦ୍ରର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଟାସ୍କଫୋର୍ସକୁ ୨୩ଟି ପ୍ରଶ୍ନ ଉପସ୍ଥାପିତ କରି କହିଛି ଯେ ଜଙ୍ଗଲ, ପଶୁ, ଜୀବଜନ୍ତୁ ମାନଙ୍କ ଉପରେ ପଡୁଥିବା ପ୍ରଭାବ ସଂକ୍ରାନ୍ତରେ ଅନୁଧାନ ହେବାପରେ ଏହି ଯୋଜନାକୁ ଅନୁମୋଦନ କରାଯିବ, ଅର୍ଥାତ ଏହି ନଦୀ ସଂଯୋଗ ଯୋଜନାକୁ ବାସ୍ତବ ରୂପରେ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏପର୍ଯ୍ୟନ୍ତ ଅନୁଧାନ ଓ ଅଧୟନ ହୋଇନାହିଁ । ଦଶମ ପଞ୍ଚ ବାର୍ଷିକ ଯୋଜନା ଚିଠାରେ କିମ୍ୱା କୌଣସି ସ୍ଥାନରେ ଏପରି ଏକ ବିରାଟ ପରିକଳ୍ପନା ସଂକ୍ରାନ୍ତରେ କୌଣସି ଯୋଜନାର ନାମ ଗନ୍ଧ ମଧ ନାହିଁ । ତାହାହେଲେ ଏହାକୁ କିପରି ଗ୍ରହଣ କରାଯିବ ତାହା ମଧ ସନ୍ଦେହ ସୃଷ୍ଟି କରୁଛି । ପୁଣି ବର୍ତ୍ତମାନ ହିସାବରେ ୫ ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଅଟକଳ ହେଉଛି । ଏହି ଅର୍ଥ କେଉଁଠୁ ଆସିବ ? ଯଦି ଆସିବ ବିଦେଶୀ ସାହୁକାରମାନଙ୍କ ଠାରୁ ତାହାହେଲେ ଉକ୍ତ ଯୋଜନା ସଂପୃକ୍ତ ଜଳ ପ୍ରକଳ୍ପଗୁଡ଼ିକ, ଡ୍ୟାମଗୁଡ଼ିକ କିମ୍ୱା ଏକ ନଦୀରୁ ଅନ୍ୟ ନଦୀକୁ ଯାଉଥିବା ଜଳର ଅସଲ ମାଲିକ ସେମାନେ ହେବେ । ଆମ ଜଳସଂପଦର ନିୟନ୍ତ୍ରଣ ବିଦେଶୀ ଘରୋଇ କଂପାନୀମାନଙ୍କ ହାତରେ ରହିବ ।

Digitized by srujanika@gmail.com

ନଦୀ ସଂଯୋଗ ପ୍ରକଳ୍ପ ଏକ ମରୀଚିକା

ନଦୀ ସଂଯୋଗ ଯୋଜନାର ବ୍ୟୟ ଅଟକଳକୁ ଦେଖିଲେ ୫ ଲକ୍ଷ ୬୦ ହଜାର କୋଟିରୁ ୧୦ ଲକ୍ଷ କୋଟି ଟଙ୍କା ୧୬ ବର୍ଷରେ ଖର୍ଚ୍ଚ କରାଯିବ । ବାର୍ଷିକ ପ୍ରାୟ ୬୦ ହଜାର କୋଟି ଟଙ୍କା ଆବଶ୍ୟକ ।

୩୦ ଗୋଟି ନଦୀ ସଂଯୋଗ ପାଇଁ ୧୦୦୦ କି.ମି. ସଂଯୋଗ କେନାଲ ନିର୍ମାଣ ହେବ । ଉତ୍ତରରୁ ଦକ୍ଷିଣକୁ (ପଶ୍ଚିମ ଘାଟ) ୧୧୦୦୦ କ୍ୟୁସେକ ଜଳ ଉପରକୁ ଉଠାଇବା ପାଇଁ ୧୦୦୦୦ ମେଗାୱାଟ ବିଦ୍ୟୁତ ଆବଶ୍ୟକ ହେବ । ଜଳକୁ ରଖିବା ପାଇଁ ୪୦୦ ଜଳ ଭଣ୍ଡାର ନି ର୍ମାଣ ହେବ ।

ପୂର୍ବରୁ ୧୯୭୨ରୁ କେ.ଏଲ.ରାଓଙ୍କ ଗଙ୍ଗା କାବେରୀ କେନାଲ ଏବଂ ୧୯୭୮ରେ କ୍ୟାପ୍ଟେନ ଦସ୍ତୁରଙ୍କ ପ୍ରସ୍ତାବରେ ଗାର୍ଲଲ୍ୟାଣ୍ଡ କେନାଲର ବୈଷୟିକ ଓ ଆର୍ଥିକ ଓ ପରିବେଶଗତ ଦିଗ ଗୁଡ଼ିକୁ ପରୀକ୍ଷା କରି ଗଠିତ ବିଶେଷଜ୍ଞ କମିଟିମାନେ ଅସମ୍ଭବ କହି ପ୍ରତ୍ୟାଖ୍ୟାନ କରିଛନ୍ତି । ନିକଟ ଅତୀତରେ ୧୯୯୭ରେ A national Commission on Integral Water Resources Development (NCIWRD) ଏହି ପ୍ରସ୍ତାବ ଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ବର୍ଜନ କରିଛନ୍ତି । ୧୯୮୨ରୁ ନୂଆଦିଲ୍ଲୀରେ କାର୍ଯ୍ୟରତ National Water Develoment Agency (NWWP) ଆଜି ପର୍ଯ୍ୟନ୍ତ ଏହି ସଂକ୍ରାନ୍ତରେ ଏକ ବୈଷୟିକ ରିପୋର୍ଟ ଦେବାକୁ ସମର୍ଥ ହୋଇପାରିନାହିଁ ଯଦିଚ ଏଥିରେ ବହୁ ଅବସରପ୍ରାପ୍ତ ମୁଖ୍ୟ ଇଂଜିନିୟରମାନେ ରହିଛନ୍ତି । ଏକଥା କହିଛନ୍ତି ଭାରତର ଜିଓଲଜି ସୋସାଇଟିର ଅଧ୍ୟକ୍ଷ ବି.ପି. ରାଧାକ୍ରିଷ୍ଣା । ସେ କହନ୍ତି ଯେ - ନଦୀମାନଙ୍କର ଜଳସ୍ରୋତର ପରିମାଣଜନିତ ସଠିକ ପରିସଂଖ୍ୟାନ ମିଳୁନାହିଁ, ଯାହାସବୁ ଆନୁମାନିକ । ଆଉ କେତେକ ଅତି ଗୁପ୍ତ ବୋଲି କୁହାଯାଇ ପରିପ୍ରକାଶ କରାଯାଉନାହିଁ ସରକାରୀ ତଥ୍ୟକୁ । ବର୍ଷାଜଳର ଆନୁମାନିକ ମାପରେ ବଡ଼ବଡ଼ ପରିକଳ୍ପନାକୁ କାର୍ଯ୍ୟକାରୀ କରି ନଦୀମାନଙ୍କର ଭୌଗୋଳିକ ସ୍ଥିତିକୁ ବଦଳାଇ ଦିଆଗଲେ ଭବିଷ୍ୟତ ଖୁବ୍ କ୍ଷତିକାରକ ଓ କଷ୍ଟକର ସ୍ଥିତି ସୃଷ୍ଟି କରିବ । ପୃଥିବୀ ସ୍ତରରେ ବହୁ ଦେଶରେ ବଡ଼ ନଦୀ ବନ୍ଧ ନିର୍ମାଣ ଓ ନଦୀର ସ୍ୱାଭାବିକ ତଥା ପ୍ରାକୃତିକ ସ୍ରୋତକୁ ବଦଳାଇବା କାର୍ଯ୍ୟକୁ ଗ୍ରହଣ କରାଯାଉ ନାହିଁ । ଏହା ପ୍ରକୃତି ବିରୋଧୀ । ଭୂତତ୍ୱବିଦ୍ ରାଧାକ୍ରିଷ୍ଣାଙ୍କ ପରାମର୍ଶ ହେଲା ପାରଂପରିକ ଜ୍ଞାନକୌଶଳରେ ସ୍ଥାନୀୟ ଅଧିବାସୀ କମ ଖର୍ଚ୍ଚରେ ଜଳକୁ ଜଳସେଚନ ପାଇଁ ବ୍ୟବହାର କରିବା ସହ ବର୍ଷାପାଣିକୁ ସ୍ଥାନୀୟ ତରିକାରେ ମହଜୁଦ୍ ରଖିବା ଏକ ବିଜ୍ଞତାର କାମ । ବିଶ୍ୱସ୍ତରରେ ବାର୍ଷିକ ବର୍ଷା ୭୦ ମିଟର ସି.ଏମ୍. ହେଉଥିବାବେଳେ ଭାରତରେ ୧୧୭ ସି.ଏମ୍. ହେଉଛି । ବର୍ଷସାରା ବର୍ଷାଜଳର ପରିମାଣ ୩୭୦୦ ଲକ୍ଷ ହେକ୍ଟର ମିଟର ଯାହାକି ଆମ ଦେଶର ଆବଶ୍ୟକତା ପାଇଁ ଯଥେଷ୍ଟ । ଏହି ଜଳ ସଂରକ୍ଷଣ ପାଇଁ ଜାତୀୟ ଟାସ୍କଫୋର୍ସ ହେବା ଦରକାର ନଦୀ ସଂଯୋଗ ବଦଳରେ । ସତ୍‌ଲେଜ୍-ଯମୁନା ନଦୀ ସଂଯୋଗ ୩୦୬ କି.ମି. କେନାଲ ୧୯୮୭ରୁ ଆରମ୍ଭ ହୋଇ ୮୫୦ କୋଟି ଖର୍ଚ୍ଚ ହେଲେ ବି ସମ୍ପୂର୍ଣ୍ଣ ହେଉନାହିଁ । ପଞ୍ଜାବ ଏଥିରେ ସହଯୋଗ କରୁନଥିବା ଯୋଗୁଁ ପୁଣି ଆନ୍ଧ୍ରରେ ତେଲୁଗୁ-ଗଙ୍ଗା-ନିର୍ମାଣ ମଧ୍ୟ ସଂପୂର୍ଣ୍ଣ ହୋଇପାରି ନାହିଁ । ବର୍ଷ ବର୍ଷ ଧରି କାବେରୀ ଜଳର ବଣ୍ଟନ ଏକ

Digitized by srujanika@gmail.com

ଅସମ୍ଭବ ସ୍ଥିତିକୁ ଆସିଛି । ମହାନଦୀ ଓ ଗୋଦାବରୀରେ ବଳକା ପାଣି ନାହିଁ ବୋଲି ସଂପୃକ୍ତ ରାଜ୍ୟମାନେ କହିଲେଣି । ଏପରି ସମସ୍ୟା ବହୁଳ ରାଜ୍ୟ ରାଜ୍ୟ ମଧ୍ୟରେ ଜଳ ବିବାଦ ଥିବାବେଳେ ଜାତୀୟ ସଂଯୋଗ ଯୋଜନାର ପରିକଳ୍ପନା ଏକ ଉଦ୍ଭଟ ବିଚାର ବୋଲି କୁହାଯିବ ।

ନଦୀ ସଂଯୋଗ ନାମରେ ଜଳଭଣ୍ଡାର ହେବ ଯାହାଦ୍ୱାରା ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହେବେ ଓ ଜୀବିକା ହରାଇବେ । ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କରିବା, ଯଦି ଆଜି ହୀରାକୁଦ ବନ୍ଧ ଦ୍ୱାରା ବନ୍ୟା ନିୟନ୍ତ୍ରଣ ହୋଇ ପାରୁନାହିଁ ଆଉ ଏକ ବନ୍ଧ ନିର୍ମାଣ ପାଇଁ କେତେକ ସ୍ୱାର୍ଥପର ବ୍ୟକ୍ତି ଦାବି କରୁଛନ୍ତି କିନ୍ତୁ ପୁଣି ବନ୍ଧନିର୍ମାଣ ଅଧିକ କ୍ଷତି କରିବ । ପୁଣି ମହାନଦୀରେ ବଳକା ପାଣି ଅଛି ବୋଲି ଯାହା କୁହାଯାଉଛି ତାହା ବର୍ତ୍ତମାନ ସ୍ଥିତିରେ ଠିକ ନୁହେଁ । ମହାନଦୀରୁ ବଳକା ପାଣି ଗୋଦାବରୀ ଦେଇ କାବେରୀକୁ ପାଣି ଦେବାପାଇଁ ମଣିଭଦ୍ରା ଡ୍ୟାମ ନିର୍ମାଣ ପାଇଁ ନଦୀ ସଂଯୋଗ ଯୋଜନାରେ ରହିଛି । ଉପକୂଳବର୍ତ୍ତୀ ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତାବିତ ଟିକରପଡ଼ା ଓ ପରେ ମଣିଭଦ୍ରାଠାରେ ବଡ଼ ଜଳ ଭଣ୍ଡାରକୁ ବୌଦ ସମେତ ସମଗ୍ର ପଶ୍ଚିମ ଓଡ଼ିଶା ଲୋକେ ପ୍ରତିବାଦ କରିବାରୁ ତାହା ପ୍ରତ୍ୟାହୃତ ହୋଇଛି ୩୦ ବର୍ଷ ତଳୁ । ଆଜି କାବେରୀକୁ ଜଳ ନେବାପାଇଁ ଓଡ଼ିଶାର ଏହି ବନ୍ଧ ନିର୍ମାଣ ହେଲେ ହଜାର ହଜାର ଗ୍ରାମର ଲକ୍ଷାଧିକ ପରିବାର ବିସ୍ଥାପିତ ହେବେ । ଏହା ଆଉ ସମ୍ଭବପର ନୁହେଁ । ଓଡ଼ିଶାର କେତେକ ପୂର୍ବତନ ମୁଖ୍ୟମନ୍ତ୍ରୀ କହିଲେଣି ମହାନଦୀରେ ଯଥେଷ୍ଟ ପାଣିନାହିଁ ବାହାରକୁ ନେବା ପାଇଁ । ସେମାନଙ୍କ ମତ ଅନୁଯାୟୀ ୧୯୨୨ ରୁ ୧୯୮୮ ମଧ୍ୟରେ ମହାନଦୀର ପ୍ରବାହିତ ଜଳକୁ ହିସାବ କରି ମଣିଭଦ୍ରା ଠାରେ ପ୍ରବାହିତ ଜଳର ପରିମାଣ ୪୦ ଘନ କି.ମି. ଆକଳନ କରାଯାଇଥିଲା । ଜଳର ବ୍ୟବହାର ପରିମାଣ ୨୮ ଘନ କି.ମି. । ଆଉ ୧୨ ଘନ କି.ମି. ବଳକା ଅଛି ବୋଲି କୁହାଯାଉଛି, କିନ୍ତୁ ତାହା ବର୍ତ୍ତମାନ ପାଇଁ ଭୁଲ । ହୀରାକୁଦ ବନ୍ଧ ନିର୍ମାଣ ପରଠାରୁ ଜଳପ୍ରବାହ କମି ମଣିଭଦ୍ରା ଠାରେ ୨୭.୩୬ ଘ. କି.ମି. ହୋଇଛି । ଏହା ଆବଶ୍ୟକତା ଠାରୁ କମ୍ । ତେଣୁ ମହାନଦୀରେ ବଳକା ପାଣି ନାହିଁ । ପୁଣି ମହାନଦୀକୁ ବ୍ରାହ୍ମଣୀ ନଦୀରେ ସଂଯୋଗ କରି ବନ୍ୟା ନିୟନ୍ତ୍ରଣର ପରିକଳ୍ପନା ଓଡ଼ିଶା ସରକାର କରିଛନ୍ତି ବୋଲି ଜଳସଂପଦ ମନ୍ତ୍ରୀ ଯେଉଁ ଦିନ କହିଲେ ତାପର ଦିନ ବ୍ରାହ୍ମଣୀରେ ବନ୍ୟା । ମହାନଦୀର ବନ୍ୟା ଜଳ ଯଦି ବ୍ରାହ୍ମଣୀରେ ପଡ଼ିଥାନ୍ତା ତାହାହେଲେ ସେଠାର ବନ୍ୟା ପରିସ୍ଥିତି କ'ଣ ହୋଇଥାନ୍ତା ? ତେଣୁ ବଡ଼ ନଦୀବନ୍ଧ କିମ୍ବା ନଦୀ ସଂଯୋଗ ବନ୍ୟା ନିୟନ୍ତ୍ରଣର ବାଟ ନୁହଁ ବରଂ ବନ୍ୟାର ପ୍ରକୋପ ବଢ଼ାଇବ । ହୀରାକୁଦ ବନ୍ଧ ହେଲାପରେ ବହୁ ବର୍ଷ ହେଲା ନଦୀବନ୍ଧକୁ ରକ୍ଷା କରିବାକୁ ପାଣି ନିଷ୍କାସନ କରିବା ପରେ ମହାନଦୀରେ ପ୍ରବଳ ବନ୍ୟା ହୋଇଥାଏ । ପୁଣି ଗଙ୍ଗାରୁ ଜଳ ବନ୍ୟାବେଳେ ହିଁ ମହାନଦୀ ଦେଇ ଗୋଦାବରୀକୁ ନିଆଯିବ କେନାଲ ଦ୍ୱାରା । ଏହା ହେଲେ ଉପକୂଳବର୍ତ୍ତୀ ଜଳପ୍ଲାବିତ ଅଞ୍ଚଳର ଅବସ୍ଥା କ'ଣ ହେବ ? ଚଳିତ ବର୍ଷ ଓଡ଼ିଶା ବନ୍ୟାର ବ୍ୟାପକତା ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ବଲାଙ୍ଗିର, କଳାହାଣ୍ଡି, ସମ୍ବଲପୁର, କୋରାପୁଟ, ରାୟଗଡ଼ା ଜିଲ୍ଲା ମାନଙ୍କର ଅପୂରଣୀୟ କ୍ଷତି କରିଛି । ତେଣୁ କେବଳ ଉପକୂଳ ଦୁଇ ଜିଲ୍ଲାର ବନ୍ୟା ନିୟନ୍ତ୍ରଣ ନାମରେ ଆଉ ଏକ ହୀରାକୁଦ ବନ୍ଧର ନିର୍ମାଣ ବନ୍ୟାର ପ୍ରତିବନ୍ଧକ ହୋଇନପାରେ । ବରଂ ମହାବିପତ୍ତିର କାରଣ

Digitized by srujanika@gmail.com

ହେବ । ପୁଣି ଉକ୍ତ ବନ୍ୟା ସମୟରେ ହିଁ ଗଙ୍ଗାର ବଳକା ପାଣି ସୁବର୍ଣ୍ଣରେଖା ଓ ମହାନଦୀ ଦେଇ ଗୋଦାବରୀକୁ ନେବା ବେଳେ ସମଗ୍ର ଓଡ଼ିଶା ବନ୍ୟାର ବିଭୀଷିକା ଭିତରେ ହିଁ ରହି ବିପର୍ଯ୍ୟସ୍ତ ହେବ । ଓଡ଼ିଶା ସରକାର ନୀରବ କାହିଁକି ?

ପୁଣି ନଦୀ ସଂଯୋଗ ଯୋଜନାରେ ଅର୍ଥ ନିବେଶ ପାଇଁ ବହୁରାଷ୍ଟ୍ରୀୟ କଂପାନୀମାନଙ୍କୁ ଡ଼ାକିବେ । ସେମାନେ ଜଳଯୋଗାଣକୁ ବ୍ୟବସାୟ କରିବେ । ଏଥିରୁ ଭାରତର ଚାଷୀ ଓ ସାଧାରଣ ଲୋକ ଜଳ କିଣି ପାରିବେ ତ ?

ମୁଖ୍ୟ ବିଚାରପତି ପଦରୁ ଅବସର ଗ୍ରହଣ କରିବା ପରେ ଚଣ୍ଡିଗଡ଼ରେ ଜଷ୍ଟିସ କ୍ରିପାଲ କହିଲେ ଯେ ସେ ଅକ୍ଟୋବର ୩୧, ୨୦୦୨ରେ ଦେଇଥିବା ମଧ୍ୟବର୍ତ୍ତୀ ଆଦେଶ ଏକ ପରାମର୍ଶ ଥିଲା କିନ୍ତୁ ନିର୍ଦ୍ଦେଶ ନଥିଲା । ନଦୀ ସଂଯୋଗର ପରିଣାମ ଉପରେ ଜନମତକୁ ଦେଖି ସେ ଏକଥା କହିବାକୁ ବାଧ୍ୟ ହୋଇଛନ୍ତି । ତେଣୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନିଜ ମତ ପରିବର୍ତ୍ତନ କରିବାକୁ ଉଦ୍ଭଟ ପରିକଳ୍ପନାର ପରିଣାମ ପ୍ରତି ଦୃଷ୍ଟି ଦେବା ଏକାନ୍ତ ପ୍ରୟୋଜନ । ରାମ ମନ୍ଦିର ପରି ଗଙ୍ଗା ଜଳ ସମସ୍ତ ହିନ୍ଦୁ ପରିବାରକୁ ପହଞ୍ଚାଇବା ପ୍ରଚାର ପାଇଁ ନଦୀ ସଂଯୋଗ ଯୋଜନା ନାମରେ ବିନାଶର ଖେଳ ଖେଳାନଯାଉ । ଏହି ନଦୀ ସଂଯୋଗ ପରିକଳ୍ପନା ହେଲାବେଳେ ଯେତିକି ହିସାବ କରାଯାଉଛି ତାର ଶତଗୁଣ କ୍ଷତି ହେବ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଡ଼ାକି ଆଣିବ । 'ଥା ବଳଦ ବିନ୍ଧେ ମତେ' ଅର୍ଥରେ ।

❋❋❋

> "ଉତ୍ତର ନଦୀମାନଙ୍କରୁ ଦକ୍ଷିଣର ନଦୀମାନଙ୍କୁ ପାଣି ନେବା ପାଇଁ ବହୁ ପରିମାଣର ବିଦ୍ୟୁତ ଆବଶ୍ୟକ ହେବ ଯାହାର ଉତ୍ପାଦନ ଜଳରୁ କରିବାକୁ ହେବ । ଏହାଦ୍ୱାରା ପୁରା ଯୋଜନା ବେକାର ହୋଇଯିବ ।"
>
> *ଡେରିକ୍ ଡି ମୋଣ୍ଟେ (ପରିବେଶ ଏକ୍ଟିଭିଷ୍ଟ)*

Digitized by srujanika@gmail.com

ସମ୍ବାଦ . ୧୬.୧୧.୦୩ , ସମ୍ବଲପୁର .

୭

'ନଦୀ ସଂଯୋଗୀକରଣ ଯୋଜନା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର'

ସମ୍ବଲପୁର,୧୫।୧୧ (ଇମିସ): ବିକାଶ ନାମରେ ଦେଶରେ ହଜାର ହଜାର କୋଟି ଟଙ୍କାରେ ନିର୍ମିତ ବୃହତ୍ ନଦୀବନ୍ଧ ଯୋଜନା ଏବେ ବସ୍ତୁତଃ ବିଫଳ ହୋଇଥିବାବେଳେ ଏବେ ଦେଶର ସବୁ ନଦୀକୁ ଯୋଡ଼ିବା ପାଇଁ ଏକ ଉଦ୍ଭଟ ପରିକଳ୍ପନା ସରକାରଙ୍କ ମୁଣ୍ଡକୁ ପଶିଛି। ୫ ଲକ୍ଷ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ପ୍ରସ୍ତାବିତ ଏହି ଅତ୍ୟନ୍ତ ବ୍ୟୟବହୁଳ ଯୋଜନା ସରକାରଙ୍କ ଏକ ଅବାସ୍ତବ ପରିକଳ୍ପନା ଓ କେବଳ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ପାଇଁ ଦେଶର ଜଳସ୍ରୋତକୁ ମୁକ୍ତ ରଖିବା ଲାଗି ଏହା ଏକ ହୀନ ଚକ୍ରାନ୍ତ। ନଦୀସଂଯୋଗୀକରଣ ଯୋଜନା ଦେଶର ଜଳସମ୍ପଦକୁ ସମ୍ପୂର୍ଣ୍ଣଭାବେ ବହୁରାଷ୍ଟ୍ରୀୟ କମ୍ପାନୀ ହାତରେ ଟେକି ଦେବାର ସରକାରୀ ପ୍ରାୟୋଜିତ ଏକ ରୀତିମତ ଷଡ଼ଯନ୍ତ୍ର ବୋଲି ଲୋକଶକ୍ତି ଅଭିଯାନର ରାଜ୍ୟସଭାପତି ତଥା ଜଳ ବଜାରୀକରଣ ବିରୋଧୀ ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି।

ମାନବ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଗତକାଲି ଏହାର କାର୍ଯ୍ୟାଳୟଠାରେ ଜଳ ନୀତି ଓ ପଶ୍ଚିମ ଓଡ଼ିଶା ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ କରୁଣାକର ସୁପକାର ଏଥିରେ ସଭାପତିତ୍ୱ କରିଥିଲେ। ଶ୍ରୀ ସାମନ୍ତରା ଜଳର ବ୍ୟବସାୟୀକରଣକୁ ବିରୋଧ କରି କହିଲେ ଯେ, ଜଳ ଏକ ପ୍ରକୃତିଦତ୍ତ ସମ୍ପତ୍ତି ହୋଇଥିଲେ ବି ଏହା ଉପରେ ଲାଭଖୋର ବିଦେଶୀ କମ୍ପାନୀମାନଙ୍କ ଆଖି। ଭାରତଭଳି ଲୋକ କଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ଜଳ ଉପରେ ଥିବା ସେମାନଙ୍କ ପ୍ରକୃତିଦତ୍ତ ଅଧିକାରରୁ ବଞ୍ଚିତ କରି ବିଶ୍ୱବ୍ୟାଙ୍କ ଓ ଡବ୍ଲ୍ୟୁଟିଓର ଇଙ୍ଗିତରେ ଏହାକୁ ଲାଭଖୋର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତକୁ ଟେକି ଦେବା ପାଇଁ ସରକାରଙ୍କର ଏହି ପ୍ରଚେଷ୍ଟା ଦେଶରେ ଭୟଙ୍କର ବିପତ୍ତି ସୃଷ୍ଟି କରିବ। ବିଦେଶୀ କମ୍ପାନୀମାନଙ୍କୁ ଜଳ କ୍ଷେତ୍ରରେ ଅବାଧ ପ୍ରବେଶ ପାଇଁ ଏହା ପ୍ରଶସ୍ତ ସୁଯୋଗ ସୃଷ୍ଟି କରିଛି।

ବଡ଼ ବଡ଼ ନଦୀବନ୍ଧ ଦ୍ୱାରା ସାଧାରଣ କୃଷକ, ଜନତା ଉପକୃତ ହେବେ ବୋଲି ଭାବିବା ସମ୍ପୂର୍ଣ୍ଣ ଭୁଲ। କାରଣ ହୀରାକୁଦ ବନ୍ଧକୁ ଦୃଷ୍ଟାନ୍ତ ଭାବରେ ନିଆଗଲେ ଏହି ବନ୍ଧ ନିର୍ମାଣ ପରେ ବନ୍ୟାର ସଂଖ୍ୟା ହ୍ରାସ ପାଇଛି ସତ କିନ୍ତୁ ଯେତିକି ବି ବନ୍ୟା ହୋଇଛି ସେସବୁ ପୂର୍ବ ବନ୍ୟା ଅପେକ୍ଷା ବେଶୀ ଭୟାବହ। ବନ୍ଧ ପୂର୍ବରୁ ବନ୍ୟାରେ ଯେତିକି ଫସଲହାନୀ ଘଟୁଥିଲା ଏବେ ତାର ଦୁଇଗୁଣ କ୍ଷତି ହେଉଛି। ନଦୀବନ୍ଧ ଦ୍ୱାରା କ୍ଷତିଗ୍ରସ୍ତ ଉଦବାସ୍ତୁମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ କ୍ଷତିପୂରଣ ମିଳି ନାହିଁ ତେଣୁ ଓଡ଼ିଶା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ନଦୀ ସଂଯୋଗ ଯୋଜନାକୁ ବିରୋଧ କରୁଛନ୍ତି ବୋଲି ସେ କହିଥିଲେ। ମୁକ୍ତକଣ୍ଠ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଚାଷୀନେତା ଲିଙ୍ଗରାଜ, ଡା.ବିଭୂତି ମିଶ୍ର, ଡା. ବିପିନ ବିହାରୀ ତ୍ରିପାଠୀ ଓ ଡା. ଗୋଲକ ବିହାରୀ ନାଥଙ୍କ ସମେତ ବହୁ ଆଲୋଚକ ଜଳ ବଜାରୀକରଣକୁ ବିରୋଧ କରିଥିଲେ।

Digitized by srujanika@gmail.com

ଲୋକଶକ୍ତି ଅଭିଯାନ କାହିଁକି ?

ଲୋକଶକ୍ତି ଅଭିଯାନ ଏକ ଜାତୀୟ ଲୋକ ମଞ୍ଚ ଯାହାର ମୁଖ୍ୟ ସରଂକ୍ଷକ ତଥା ପ୍ରେରଣାଦାୟକ ବରିଷ୍ଠ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ଶ୍ରୀ ରବି ରାୟ । ଲୋକଶକ୍ତି ଅଭିଯାନ ଦେଶର ୪ଟି ମୁଖ୍ୟ ଶତୃକୁ ଚିହ୍ନଟ କରି ଏକ ବିକଳ୍ପ ଜନବାଦୀ ରାଜନୀତି ପାଇଁ ଜନଜାଗରଣ ସୃଷ୍ଟି କରୁଛି । ସେହି ଶତୃମାନେ ହେଲେ, ଉଚ୍ଚସ୍ତରୀୟ ଭ୍ରଷ୍ଟାଚାର, କେନ୍ଦ୍ରୀକରଣ, ଭୋଗବାଦ ତଥା ଜଗତୀକରଣ ଅର୍ଥନୀତି ଓ ସାଂପ୍ରଦାୟିକତା । ଯେଉଁମାନେ ଏହି ୪ଟି ଶତୃ ବିରୋଧରେ ନୀତିଗତଭାବେ ସଂଗ୍ରାମ କରିବାକୁ ପ୍ରସ୍ତୁତ ସେମାନେ ଲୋକଶକ୍ତି ଅଭିଯାନର କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜ ଅଞ୍ଚଳରେ ଗଣ ସଂଗଠନ ଗଢି ତୋଳିବାକୁ ନିବେଦନ । ସଂଗଠନ ପାଇଁ ଆଦର୍ଶ ହେଉଛି ମହାତ୍ମା ଗାନ୍ଧୀ, ଡକ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଡକ୍ଟର ଆମ୍ବେଦକର, ସ୍ୱାମୀ ବିବେକାନନ୍ଦ ଓ ଖାଁ ଅବଦୁଲ ଗଫର ଖାଁଙ୍କ ବିଚାର ।

ଓଡ଼ିଶାରେ କାର୍ଯ୍ୟକ୍ରମ

ଜୀବିକାର ଉତ୍ସ ପ୍ରାକୃତିକ ସଂପଦର ସଂରକ୍ଷଣ ଓ ଜୀବନ ଜୀବିକାର ଅଧିକାର ପାଇଁ ଚାଲୁଥିବା ଜନ ଆନ୍ଦୋଳନଗୁଡ଼ିକୁ ସହଯୋଗ । ସ୍ୱାବଲମ୍ବନଶୀଳ ଅର୍ଥବ୍ୟବସ୍ଥା ପାଇଁ ଜନଜାଗରଣ । ଭ୍ରଷ୍ଟାଚାର ଓ ସାଂପ୍ରଦାୟିକତା ବିରୋଧରେ ଅଭିଯାନ । ଶିକ୍ଷା, ସ୍ୱାସ୍ଥ୍ୟ ପରି ସେବା କ୍ଷେତ୍ରରେ ସମସ୍ତଙ୍କ ପାଇଁ ସମାନ ଅଧିକାର ଓ ମାନବିକ ଅଧିକାରର ସୁରକ୍ଷା ପାଇଁ ଲୋକ ସଂଗଠନ । ବିକଳ୍ପ ଜନବାଦୀ ରାଜନୀତି ପାଇଁ ଉଦ୍ୟମ ।

ସଂପର୍କ :
ହିଲପଟଣା, ବ୍ରହ୍ମପୁର - ୭୬୦ ୦୦୫
(କିମ୍ୱା) ଏ/୩, ୟୁନିଟ୍-୯, ଭୁବନେଶ୍ୱର

ପ୍ରଫୁଲ୍ଲ ସାମନ୍ତରା
ସଭାପତି, ଓଡ଼ିଶା ଶାଖା

୧୯୯୮ରୁ ନିୟମିତ ପ୍ରକାଶ ପାଇ ଆସୁଛି ପାକ୍ଷିକ ପତ୍ରିକା

ମଣିଷର ବାର୍ତ୍ତାବହ ସ୍ୱାଭିମାନ

ସଂପାଦକ : **ପ୍ରଫୁଲ୍ଲ ସାମନ୍ତରା**

ବାର୍ଷିକ ଦେୟ : ୧୦୦ ଟଙ୍କା

ଠିକଣା : ହିଲପାଟଣା, ବ୍ରହ୍ମପୁର -୭୬୦ ୦୦୫ (ଗଞ୍ଜାମ),
ଫୋନ୍ : ୨୨୧୬୬୬୨, ୯୪୩୭୨୫୯୦୦୫

Digitized by srujanika@gmail.com